ସାପ୍ତାହିକ
Postal Regd. No.: SBP/RN-01/2022-2024
# ସ୍ୱୀକାର
The Sweekar ସ୍ୱୀକାର
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94
Vol.27 | Issue - 31 | 30 July - 5 August 2023 | Sambalpur | Page- 8 | Invitation Price Rs.10

## ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ତିନିଦିନିଆ ଓଡ଼ିଶା ଗସ୍ତ














ଭୁବନେଶ୍ୱର : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତିନିଦିନିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱର ଓ କଟକରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରତ୍ୟାବର୍ତ୍ତନ କରିଛନ୍ତି । ତିନିଦିନିଆ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ପ୍ରଥମ ସଂଧାରେ ରାଜଭବନଠାରେ 'ଅତୁଟ ବନ୍ଧନ' କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ ଦ୍ୱିତୀୟ ଦିନରେ କଟକରେ ହାଇକୋର୍ଟର ୭୫ ବର୍ଷ ପୂର୍ତ୍ତିର ଉଦ୍‌ଯାପନୀ ଉତ୍ସବ, ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ, ଏସ୍.ସି.ବି ମେଡିକାଲ କଲେଜର ବାର୍ଷିକ ଉତ୍ସବ ସହିତ ପ୍ରାୟ ୭ଟି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଶେଷ ଦିନରେ ସେ ଭୁବନେଶ୍ୱର ଉପକଣ୍ଠ ତମାଣ୍ଡୋ ଦଶବାଟିଆ ଠାରେ ବ୍ରହ୍ମାକୁମାରୀ ଲାଇଟ ହାଉସ କେନ୍ଦ୍ରର ଉଦଘାଟନ ସହ ରାଜଭବନରେ ଆପଦ ଗ୍ରସ୍ତ ଜନଜାତି ଗୋଷ୍ଠୀ ବା ପିଭିଟିକି ପ୍ରତିନିଧିଙ୍କୁ ଭେଟିଥିଲେ ।

ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବା ପୂର୍ବରୁ ରାଷ୍ଟ୍ରପତି ରାଜଭବନଠାରେ ସମାଜର ବିଭିନ୍ନ ବର୍ଗର ଲୋକଙ୍କୁ ସାକ୍ଷାତ କରିଥିଲେ । ବହୁ ବ୍ୟକ୍ତିବିଶେଷ, ଅନୁଷ୍ଠାନ, କଳାକାର, ସାହିତ୍ୟିକ ଓ ସାମ୍ବାଦିକଙ୍କ ସହ ସେ ସାକ୍ଷାତ କରିଥିଲେ । ପରେ ବାୟୁସେନାର ସ୍ୱତନ୍ତ୍ର ବିମାନରେ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଥିଲେ ।



## ଜି-୨୦ ବିପର୍ଯ୍ୟୟ ବିପତ୍ତି ହ୍ରାସ କାର୍ଯ୍ୟାଗୋଷ୍ଠୀର ତୃତୀୟ ବୈଠକକୁ ସମ୍ବୋଧିତ କଲେ ଡକ୍ଟର ପି.କେ ମିଶ୍ର

ଚେନ୍ନାଇ : ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପ୍ରମୋଦ କୁମାର ମିଶ୍ର ବିପର୍ଯ୍ୟୟ ବିପତ୍ତି ହ୍ରାସ କାର୍ଯ୍ୟଗୋଷ୍ଠୀର ତୃତୀୟ ବୈଠକକୁ ସମ୍ବୋଧିତ କରି ଚଳିତ ବର୍ଷ ଗାନ୍ଧୀ ନଗର ଠାରେ ଆୟୋଜିତ କାର୍ଯ୍ୟଗୋଷ୍ଠୀର ପ୍ରଥମ ବୈଠକ ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ ସେବେଠାରୁ ବର୍ତ୍ତମାନ ସୁଦ୍ଧା ବ୍ୟାପକ ଜଳବାୟୁ ପରିବ ସହ ଜଡ଼ିତ ବିପର୍ଯ୍ୟୟ ହୋଇସାରିଛି । ସେ ସମ୍ପୂର୍ଣ୍ଣ ଉତ୍ତର ଗୋଲାର୍ଦ୍ଧରେ ଭୀଷଣ ଗ୍ରୀଷ୍ମ ଲହରୀ, କାନାଡା ଜଙ୍ଗଲରେ ନିଆଁ ଏବଂ ଏହାପରେ ଉତ୍ତର ଆମେରିକାର ବିଭିନ୍ନ ଭାଗରେ ସହରଗୁଡ଼ିକୁ ପ୍ରଭାବିତ କରୁଥିବା କୁହୁଡ଼ି ଏବଂ ଭାରତର ପୂର୍ବ ଓ ପଶ୍ଚିମ ଉପରେ ବଡ଼ ବାତ୍ୟା




ଆଦିର ଉଦାହରଣ ଦେଇଥିଲେ । ୪୫ ବର୍ଷ ମଧ୍ୟରେ ଦିଲ୍ଲୀରେ ସବୁଠୁ ବଡ଼ ବନ୍ୟା ହୋଇଥିବା ପ୍ରମୁଖ ସଚିବ କହିଥିଲେ । ପ୍ରମୁଖ ସଚିବ ଜୋର ଦେଇ କହିଥିଲେ ଯେ ଜଳବାୟୁ ପରିବର୍ତ୍ତନ ସହ ଜଡ଼ିତ ବିପର୍ଯ୍ୟୟର ପ୍ରଭାବ ବହୁତ ବ୍ୟାପକ ଏବଂ ପ୍ରକୃତି ସହ ଆପୋଷ ଭାବେ ଜଡ଼ିତ ।

ଅବଶିଷ୍ଟାଂଶ ୭ମ ପୃଷ୍ଠାରେ

## ସନ୍ଥ ପ୍ରବର ବିଜ୍ଞାନଦେବ ଜୀ ମହାରାଜ ଅଗଷ୍ଟ ୬ରେ ସମ୍ବଲପୁର ଆସିବେ

ସମ୍ବଲପୁର : ଆସନ୍ତା ଡିସେମ୍ବର ୧୭ ଓ ୧୮ ତାରିଖ ଦିନ ବାରାଣାସୀର ଉମରହାଁ ସ୍ୱର୍ବେଦ ମହାମନ୍ଦିର ଧାମରେ ପାଳିତ ହେବାକୁ ଥିବା ବିହଙ୍ଗମ ଯୋଗ ସନ୍ଥ ସମାଜର ଶହେବର୍ଷ ପୂର୍ତ୍ତି ଅବସରରେ 'ଶତାବ୍ଦୀ ସମାରୋହ ମହୋତ୍ସବ' ପାଇଁ କାଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ବାହାରିଥିବା ସଂକଳ୍ପ ଯାତ୍ରା ଆସନ୍ତା ୬ ତାରିଖ ଦିନ ସମ୍ବଲପୁରରେ ପହଞ୍ଚିବ । ଏହି ଅବସରରେ ମୁଦିପଡ଼ା ସ୍ଥିତ ଡକ୍ଟର ରାଧାନାଥ କମ୍ୟୁନିଟି ହଲରେ ସନ୍ଥ ପ୍ରବର ଶ୍ରୀ ବିଜ୍ଞାନ ଦେବଜୀ ମହାରାଜ ସଙ୍ଗୀତମୟ ଜୟ ସ୍ୱର୍ବେଦ କଥା ପରିବେଷଣ କରିବେ । ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ଜନସାଧାରଣ ବହୁ ସଂଖ୍ୟାରେ ଯୋଗଦେଇ ବିଜ୍ଞାନ ଦେବଜୀଙ୍କର ଅମୃତ ବାଣୀରେ ଉପକୃତ ହେବା ପାଇଁ ଆୟୋଜକ ଶ୍ରୀ ସଞ୍ଜୟ ପଣ୍ଡା ଓ ଶ୍ରୀମତୀ ଅନାମିକା ପଣ୍ଡା ଅନୁରୋଧ କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ସମାରୋହ ମହୋତ୍ସବ ଅବସରରେ ୨୫ ହଜାର କୁଣ୍ଡୀୟ ସ୍ୱର୍ବେଦ ଜ୍ଞାନ ମହାଯଜ୍ଞର ମଧ ଆୟୋଜନ କରାଯାଉଛି । ଗତ ୧୯୨୪ ମସିହାରେ



ସଦାଫଳଦେବ ଜୀ ମହରାଜ ମାନବ କଲ୍ୟାଣ ପାଇଁ ଉତ୍ତର ପ୍ରଦେଶର ବଳିଆର ପକୋଡି ଗ୍ରାମର ବୃତ୍ତିକୁଟ ଆଶ୍ରମରେ ଲକ୍ଷାହୂତି ଯଜ୍ଞ ଆୟୋଜନ ସହିତ ବ୍ରହ୍ମବିଦ୍ୟା ଯୋଗର ପ୍ରଚାର ପାଇଁ 'ସନ୍ଥ ସମାଜ' ଗଠନ କରିଥିଲେ । ଏହାଛଡ଼ା ହିମାଳୟରେ ସେ କରିଥିବା ଯୋଗ ସାଧନାର ପ୍ରତ୍ୟକ୍ଷ ଅନୁଭୂତି ସମ୍ପର୍କରେ 'ସ୍ୱର୍ବେଦ' ପୁସ୍ତକ ରଚନା କରିଥିଲେ । ଏହାର ସ୍ମାରକୀ ସ୍ୱରୂପ ବାରଣାସୀ ଠାରେ ୨୦ ହଜାର ସାଧକ ଏକାସାଙ୍ଗେ ବସି ଧାନ କରିବା ପାଇଁ ଅତ୍ୟାଧୁନିକ ସାତ ମହଲା ବିଶିଷ୍ଟ ସ୍ୱର୍ବେଦ ମହାମନ୍ଦିର ନିର୍ମାଣ କରାଯାଉଛି ।

## ଏ ସଂଖ୍ୟାରେ..


ଅବସାଦ ଦୂର କରେ ଚକୋଲେଟ୍


ଔଷଧରେ ଭରପୁର ଲବଙ୍ଗ


ମଧୁମେହ ପ୍ରତିରୋଧୀ ଘରୋଇ ପଥ


ଅର୍ଶ ରୋଗ ପାଇଁ ମୂଳା


ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ ରଖେ ଦହି


ବଥୁଆ ଶାଗର ଉପକାରିତା

# ସମ୍ବଲପୁରରେ କମିଶନରେଟ୍ ପୁଲିସ୍ ବ୍ୟବସ୍ଥା କେବେ ?

ସମ୍ବଲପୁର : ସମ୍ବଲପୁରରେ କମିଶନରେଟ୍ ପୁଲିସ୍ ବ୍ୟବସ୍ଥା କରିବାକୁ ରାଜ୍ୟ ସରକାର ଘୋଷଣା କରିବାର ସାତବର୍ଷ ପରେ ମଧ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ନାହିଁ । ଆଇନ ଶୃଙ୍ଖଳା ବ୍ୟବସ୍ଥା ସଜାଡ଼ିବାକୁ ସରକାର ୨୦୧୬ ମସିହାରେ କମିଶନରେଟ୍ ପୁଲିସ୍ ବ୍ୟବସ୍ଥା ଘୋଷଣା କରିଥିଲେ । ଇତି ମଧରେ ଏନେଇ ଆଇପିଏସ୍ ପଦବୀ ପୂରଣ ପାଇଁ କେନ୍ଦ୍ର ସରକାରଙ୍କ ମଞ୍ଜୁରୀ ବି ମିଳିଛି । ଏହା ସତ୍ତ୍ୱେ ସମ୍ବଲପୁରରେ ହୋଇପାରୁନି କମିଶନରେଟ୍ ପୁଲିସ୍ ବ୍ୟବସ୍ଥା । ରାଜ୍ୟ ସରକାର ଏନେଇ କୌଣସି ଧାନ ଦେଉ ନ ଥିବାରୁ ଏହା କାର୍ଯ୍ୟକାରୀ ହେଉନାହିଁ । ରାଜ୍ୟ ସରକାର ଘୋଷଣା କରିଦେଲେ, କିନ୍ତୁ ଗୃହ ବିଭାଗ ଏଯାଏଁ ନୋଟିଫିକେସନ୍ ମଧ ବାହାର କରୁନାହାନ୍ତି ।

ସମ୍ବଲପୁର ସହରର ଗୁରୁତ୍ୱକୁ ଦେଖି ରାଜ୍ୟ ସରକାର ଏହାକୁ ମହାନଗର ନିଗମ ଭାବେ ଘୋଷଣା କଲେ । କିନ୍ତୁ ଏହାର ନିର୍ବାଚନ କଲେ ନାହିଁ । ସେହି ଭଳି କମିଶନରେଟ୍ ପୁଲିସ୍ ବ୍ୟବସ୍ଥା ହେବ କହି କେବଳ ସହରବାସୀଙ୍କୁ ଲଲିପପ୍ ଧରାଇ ଦେଇଥିବା ଅଭିଯୋଗ ହୋଇଛି । ଗତ ବିଧାନସଭା ଅଧିବେଶନରେ ଏହି ପ୍ରସଙ୍ଗ ମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ ମଧ ସେ କୌଣସି ସଠିକ୍ ଉତ୍ତର ଦେଇପାରି ନ ଥିବା କହିଛନ୍ତି ରେଙ୍ଗାଲି ବିଧାୟକ ନାଉରୀ ନାଏକ । ରାଜ୍ୟ ସରକାରଙ୍କ ଆନ୍ତରିକତା ଅଭାବ ରହିଛି । ସମ୍ବଲପୁରବାସୀଙ୍କୁ ଭୁଆଁ ବୁଲାଇ ଚାଲିଛନ୍ତି । ଲୋକଙ୍କ ଭାବନା ସହ ଖେଳ ଖେଳୁଛନ୍ତି । ଏହାକୁ ଆମେ ନିନ୍ଦା କରୁଛୁ । ଆଗାମୀ ଦିନରେ କମିଶନରେଟ୍ ପୁଲିସ୍ ବ୍ୟବସ୍ଥା କରିବାକୁ ଦୃଢ଼ ଦାବି ରଖିବୁ ବୋଲି ଶ୍ରୀ ନାଏକ କହିଛନ୍ତି ।

ସମ୍ବଲପୁର ସହରରେ ହେବ କମିଶନରେଟ୍ ପୁଲିସ୍ ବ୍ୟବସ୍ଥା । ପୁଲିସ୍‌କୁ ମିଳିବ ଏକ୍‌ଜୁକ୍ୟୁଟିଭ୍ ମାଜିଷ୍ଟ୍ରେଟ କ୍ଷମତା । ଆଇଜି ର୍‍ୟାଙ୍କର ଜଣେ ବରିଷ୍ଠ ଆଇପିଏସ୍‌ଙ୍କ ହାତରେ ରହିବ ସହର ଆଇନ ନିୟନ୍ତ୍ରଣ ବ୍ୟବସ୍ଥା । ଏହା ସାଙ୍ଗକୁ ତାଙ୍କ ଆଧୀନରେ ୪/୫ ଜଣ ଏସ୍‌ପି ର୍‍ୟାଙ୍କର ଅଧିକାରୀ ମଧ ନିଯୁକ୍ତ ହେବେ । ଏହାସହ ନିଶା କାରବାର ନିୟନ୍ତ୍ରଣ ନେଇ ପୁଲିସ୍ ହାତରେ ଅଧିକ କ୍ଷମତା ରହିବ । ଟ୍ରାଫିକ୍ ସମସ୍ୟା ସମାଧାନ ଲାଗି ଦକ୍ଷ ଅଧିକାରୀ ନିଯୁକ୍ତ ହେବେ । ଏଭଳି ସ୍ୱପ୍ନ ଦେଖାଇ ରାଜ୍ୟ ସରକାର ସମ୍ବଲପୁର ସହର ପାଇଁ ୨୦୧୬ ମସିହାରେ କମିଶନରେଟ୍ ପୁଲିସ୍ ବ୍ୟବସ୍ଥା ଆରମ୍ଭ କରାଯିବ ବୋଲି ଘୋଷଣା କରିଥିଲେ । କିନ୍ତୁ ଘୋଷଣା ୭ ବର୍ଷ ପରେ ବି ଏହା ଶୀତଳଭଣ୍ଡାରରେ ପଡ଼ିରହିଛି । ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ସମ୍ବଲପୁରରେ ହେବାକୁ ଥିବା କମିଶନରେଟ୍ ପୁଲିସ୍ ବ୍ୟବସ୍ଥାର ଆଇପିଏସ୍ ପଦବି ପୂରଣ ନେଇ କେନ୍ଦ୍ର ସରକାର ମଞ୍ଜୁରି ମଧ ଦେଇସାରିଛନ୍ତି । ୨୦୨୦ ଜାନୁଆରି ୫ ତାରିଖରେ କେନ୍ଦ୍ର ସରକାର ମଧ ଏହି ପ୍ରସ୍ତାବକୁ ଅନୁମୋଦନ ଦେବା ସହ ପଦବି ମଞ୍ଜୁର କରିଥିଲେ । ମାତ୍ର କେନ୍ଦ୍ରର ମଞ୍ଜୁରୀକୁ ଏହା ଭିତରେ ୩ ବର୍ଷ ପୂରିଲାଣି । ତଥାପି କେହି ଏହାକୁ ନେଇ ମୁହଁ ଖୋଲୁ ନାହାନ୍ତି ।

ବର୍ତ୍ତମାନ ସମ୍ବଲପୁର ଭଳି ସହରରେ ଦ୍ୱୈତ ଶାସନ ବ୍ୟବସ୍ଥା ପ୍ରଚଳିତ ଥିବା ବେଳେ ଅନେକ ପ୍ରସଙ୍ଗରେ ପୁଲିସ୍ କୌଣସି ପଦକ୍ଷେପ ନେବାକୁ ହେଲେ ଜିଲ୍ଲାପାଳ ତଥା ଉପ ଜିଲ୍ଲାପାଳ କିମ୍ବା ଏକ୍‌ଜୁକ୍ୟୁଟିଭ୍ ମାଜିଷ୍ଟ୍ରେଟଙ୍କଠାରୁ ଅନୁମତି ନେବାକୁ ପଡ଼ିଥାଏ । ମାତ୍ର କମିଶନରେଟ୍ ପୁଲିସ୍ ବ୍ୟବସ୍ଥାରେ ପୁଲିସ୍ କମିଶନର (ଡିଆଇଜି ବା ତାଙ୍କଠାରୁ ବଡ ର୍‍ୟାଙ୍କ୍‌ର ଅଧିକାରୀ)ଙ୍କ ହାତରେ ହିଁ ସମଗ୍ର ବ୍ୟବସ୍ଥାର ଦାୟିତ୍ୱ ନ୍ୟସ୍ତ ଥାଏ । ଯାହା ଦ୍ୱାରା ପୁଲିସିଂ ବ୍ୟବସ୍ଥାରେ ଉନ୍ନତି ଆସିବା ସହ ଲୋକେ ପୁଲିସ୍ ନିକଟରେ ପହଞ୍ଚିବା ସହଜ ହୋଇଥାଏ । ପୁଲିସ୍ ମଧ କୌଣସି ପଦକ୍ଷେପ ନେବାରେ ସ୍ୱାଧୀନତା ପାଇଥାଏ ।

# ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ଉଦ୍‌ଘାଟିତ

ସମ୍ବଲପୁର : ରେଙ୍ଗାଲି ବ୍ଲକ ତବଡାବାହାଲ ଗ୍ରାମ ପଞ୍ଚାୟତର ପଣ୍ଡରୀପାଲି ଗ୍ରାମରେ ଜିଲ୍ଲାପାଳ ଅନନ୍ୟା ଦାସ ଏକ ହଜାର ଲିଟର କ୍ଷମତା ବିଶିଷ୍ଟ ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ଉଦ୍‌ଘାଟନ କରିଛନ୍ତି । ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ସ୍ଥାପନ ଫଳରେ ଅଞ୍ଚଳର ଦୁଗ୍ଧ ଚାଷୀଙ୍କ ଅନେକ ଦିନର ସ୍ୱପ୍ନ ସାକାର ହୋଇଛି । ଏହି ବ୍ୟବସ୍ଥା ନ ଥିବାରୁ ଅଞ୍ଚଳର ଦୁଗ୍ଧ ଚାଷୀ କମ୍ ମୂଲ୍ୟରେ ଦୁଗ୍ଧ ବିକ୍ରି କରି କ୍ଷତିଗ୍ରସ୍ତ ହେଉଥିଲେ । ପଣ୍ଡରିପାଲି, କୁଦାମୁଣ୍ଡା, ଟାମ୍ପରକେଲା, ଠୁରୁପାଲି, ଝାଙ୍କରପାଲି, କୁସୁମଡିହି, ପଣ୍ଡିଆପାଲି, ଲାଉମାଲ, ରୁନିମହୁଲ ଆଦି ୯ଟି ଗ୍ରାମରେ ଗୋଟିଏ ଲେଖାଏଁ ପ୍ରାଥମିକ ଦୁଗ୍ଧ ସମିତି ଗଠନ କରାଯାଇ ପ୍ରଥମ ଦିନରେ ୧୫୬ ଲିଟର ଦୁଗ୍ଧ ସଂଗୃହିତ ହୋଇଥିଲା । ଉଦଘାଟନୀ କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସମେତ ରେଙ୍ଗାଲି ବିଡିଓ କୃଷ୍ଣଚନ୍ଦ୍ର ଦଳପତି, ତବଡାବାହଲ ସରପଞ୍ଚମମତା ପୂଜାରୀ, ଦୁଗ୍ଧ ସଂଘର ସଭାପତି ବିଦ୍ୟାଧର ପ୍ରଧାନ, ଦୁଗ୍ଧ ସଂଘ କନିଷ୍ଠ ପରିଚାଳକ ଡକ୍ଟର ସଞ୍ଜିବ କୁମାର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ସଂଘ ଆକାଉଣ୍ଟଟେଣ୍ଟ ପ୍ରଶାନ୍ତ କୁମାର ଦେବତା ଧନ୍ୟବାଦ ଦେଇଥିଲେ ।

# ସିଆର୍‌ପିଏଫ୍‌ର ପ୍ରତିଷ୍ଠା ଦିବସ

ସମ୍ବଲପୁର : ଗୋଶାଳା ନିକଟ ସିଆର୍‌ପିଏଫ୍ ଗ୍ରୁପ୍ ସେଣ୍ଟର୍ ପରିସରରେ ସିଆର୍‌ପିଏଫ୍‌ର ୮୫ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏଥିରେ ସିଆର୍‌ପିଏଫ୍ (ଡିଜି) ଉପ ମହାନିରୀକ୍ଷକ ଅଜିତ ସାଙ୍ଗୱାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏ ଅବସରରେ ବୀର ଯବାନଙ୍କ ବଳିଦାନକୁ ସ୍ମରଣ ରଖିବାକୁ ଯବାନମାନେ ଶପଥ ନେଇଥିଲେ । ସିଆର୍‌ପିଏଫ୍ ଡିଆଇଜି



ପ୍ୟାରେଡ୍‌ର ଅଭିବାଦନ ଗ୍ରହଣ କରିବା ସହିତ ଦେଶରେ ଏକତା ଓ ଅଖଣ୍ଡତା ବଜାୟ ରଖିବାକୁ ଉପସ୍ଥିତ ଯବାନଙ୍କୁ ପରାମର୍ଶ ପ୍ରଦାନ କରିଥିଲେ । ହୀରାକୁଦ ନେହରୁ ଶିଶୁ ଉଦ୍ୟାନ ପରିସରରେ ଯୋଗ ଅଭ୍ୟାସ ଶିବିର ଆୟୋଜିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଗ୍ରୁପ୍ ସେଣ୍ଟର୍ ଉପ ମହାନିରୀକ୍ଷକ ଲାଲଚାନ୍ଦ ଯାଦବ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ ।

# 'ଯାଜ୍ଞସେନୀ'ର ସଂସ୍କୃତ ଅନୁବାଦ ପୁସ୍ତକ ଉନ୍ମୋଚିତ



ନୂଆଦିଲ୍ଲୀ : ବିଶିଷ୍ଟ ସାହିତ୍ୟିକା ଡକ୍ଟର ପ୍ରତିଭା ରାୟଙ୍କ ଦ୍ୱାରା ରଚିତ ଓଡ଼ିଆ ଉପନ୍ୟାସ 'ଯାଜ୍ଞସେନୀ'ର ସଂସ୍କୃତରେ ଅନୁବାଦ ହୋଇଥିବା ପୁସ୍ତକ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଉନ୍ମୋଚିତ ହୋଇ ଯାଇଛି । କାର୍ଯ୍ୟକ୍ରମରେ ପୁସ୍ତକର ଲେଖିକା ଡକ୍ଟର ରାୟ ଓ ଅନୁବାଦକ ପ୍ରଫେସର ଭାଗିରଥି ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

# ସମ୍ବଲପୁର ପୂର୍ବ ଡିଭିଜନରେ ଅଧିକ୍ଷଣ ଯନ୍ତ୍ରୀ ଯୋଗ ଦେଇ ନାହାନ୍ତି

ସମ୍ବଲପୁର : ଏକ ବିବାଦୀୟ ପରିସ୍ଥିତିରେ ସମ୍ବଲପୁର ପୂର୍ବ ଡିଭିଜନ (୧) ର ଅଧିକ୍ଷଣ ଯନ୍ତ୍ରୀଙ୍କୁ ବଦଳି କରାଯିବା ପରେ ତାଙ୍କ ସ୍ଥାନରେ ଅବସ୍ଥାପିତ କରାଯାଇଥିବା ଶ୍ରୀ ବିଧାନ ମାଝୀ ଏ ପର୍ଯ୍ୟନ୍ତ ଦାୟିତ୍ୱ ଗ୍ରହଣ କରି ନ ଥିବାରୁ ଏହି କାର୍ଯ୍ୟାଳୟରେ ସ୍ୱାଭାବିକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ଏହାଛଡ଼ା ଠିକାଦାରମାନେ ମଧ ବିଲ୍ ପାଇବା ପାଇଁ ବହୁତ ହଇରାଣର ସମ୍ମୁଖୀନ ହେଉଛନ୍ତି । ଶ୍ରୀ ମାଝୀଙ୍କର ବଦଳି ଆଦେଶ ବାହାରିବାର ଦେଢ଼ ମାସରୁ ଉର୍ଦ୍ଧ୍ୱ ସମୟ ହୋଇଥିଲେ ମଧ ସେ ଏ ପର୍ଯ୍ୟନ୍ତ ଯୋଗ ଦେଇ ନାହାନ୍ତି । ଶ୍ରୀ ମାଝୀ ତାଙ୍କ ନୂତନ ପଦବୀରେ ଯୋଗ ନ ଦେଲେ ଅନ୍ୟଜଣେ ଅଧିକାରୀଙ୍କୁ ଏଠାରେ ସରକାର ଅବସ୍ଥାପିତ କରିବାକୁ ଶ୍ରମିକ ନେତା ଶ୍ରୀ ରତିକାନ୍ତ ମହାନ୍ତି ମୁଖ୍ୟମନ୍ତ୍ରୀଙ୍କର ଦୃଷ୍ଟି ଆକର୍ଷଣ କରିଛନ୍ତି ।

# ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ



ସମ୍ବଲପୁର : ଚଳିତ ବର୍ଷ ୭୭ ତମ ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ ଅଜାମ୍ବର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀର ମୋହନ ମାଝୀ ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ବିଗତ ବର୍ଷର ବିବରଣୀ ପାଠ କରି ବିଭିନ୍ନ ସ୍କୁଲ, କଲେଜ ଛାତ୍ରଛାତ୍ରୀଙ୍କ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ତଥା ଆସନ୍ତା ଅଗଷ୍ଟ ୧୧, ୧୨ ଏବଂ ୧୩ ତାରିଖରେ ପ୍ୟାରେଡ଼ ପୂର୍ବାଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ । ସେହିପରି ସ୍ୱାଧୀନତା ଦିବସ ଉପଲକ୍ଷେ 'ଉତ୍ସର୍ଗ' ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜନ କରାଯିବ । ସ୍ୱାଧୀନତା ଦିବସରେ ସକାଳ ୯.୧୫ ମିନିଟ ସମୟରେ ନେଲସନ ମଣ୍ଡେଲା ଛକ ସ୍ଥିତ ରାଜ ରାସ୍ତାରେ ଜିଲ୍ଲା ସ୍ତରୀୟ ପ୍ୟାରେଡ୍ ଅନୁଷ୍ଠିତ ହେବ । ଏଥିରେ ମୁଖ୍ୟଅତିଥି ପତାକା ଉତ୍ତୋଳନ କରି ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିବା ସହ ପୂର୍ବାହ୍ନରେ ଜେଲ ଅନ୍ତେବାସୀ ତଥା ଡାକ୍ତରଖାନାରେ ରୋଗୀମାନଙ୍କୁ ଫଳ ବଣ୍ଟନ କରିବାର କାର୍ଯ୍ୟକ୍ରମ ରହିଛି । ଏଥିରେ ଜିଲ୍ଲା ପରିଷଦ ଅଧକ୍ଷା କୁମଦିନି ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଧର୍ମେନ୍ଦ୍ର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ସଦର ଉପଜିଲ୍ଲାପାଳ ପ୍ରଭାସ ଦଣ୍ଡସେନା, ଡିଏସପି ଜେମେସ ସମଦଙ୍କ ସମେତ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ସଙ୍ଗଠନ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଗଣମାଧମ ପ୍ରତିନିଧି, ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ପ୍ରମୁଖ ଯୋଗ ଦେଇଥିଲେ ।

# ଜିଏମ୍‌ୟୁ ବାଣିଜ୍ୟ ବିଭାଗରେ ଆଲୋଚନାଚକ୍ର

ସମ୍ବଲପୁର : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗ ପକ୍ଷରୁ 'ଆନ୍ତର୍ଜାତୀୟ ବ୍ୟବସାୟ ସମସ୍ୟା ଓ ସୁଯୋଗ' ଶୀର୍ଷକ ଏକ ବିଭାଗୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଭାଗୀୟ ମୁଖ୍ୟ ଡଃ ପ୍ରିୟବ୍ରତ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ । ଡ.କ୍ଷୀରୋଦ ମହାରଣା ପ୍ରାରମ୍ଭରେ ବିସ୍ତୃତ ଆଲୋଚନା କରିଥିଲେ । ସ୍ନାତକୋତ୍ତର ଛାତ୍ରଛାତ୍ରୀମାନଙ୍କ ମଧରେ ଚିନ୍ମୟ ଭୋଇ, ସରନ୍ୟା ସାହୁ, ମିନାକ୍ଷୀ ପ୍ରସାଦ, ଅନନ୍ୟା ପତି, ଶୁଭଶ୍ରୀ ସରଣ୍ୟା, ଶ୍ରୀକାନ୍ତ ଦାସ ମାଣିକପୁରା, ଚେକ୍ସି ସିଂହଳ, ବବି ଦାସ, ଅନିତା ବିଶ୍ୱାଳ ଓ ସ୍ନାତକ ଛାତ୍ର ଆୟୁଷ ବଢ଼ାଇ ନିବନ୍ଧ ଉପସ୍ଥାପନ କରିଥିଲେ । ବିଭାଗୀୟ ମୁଖ୍ୟ ଡଃ ପଣ୍ଡା ସଭା ପରିଚାଳନା କରିଥିଲେ । ଛାତ୍ରଛାତ୍ରୀଙ୍କ ମଧରେ ଅର୍ଜୁନ ମହାରଣା, ଅରୁଣା ଶର୍ମା ଉପସ୍ଥିତ ଥିଲେ । ଅଧାପକ ତ ଜ୍ଞାନରଞ୍ଜନ ବଳ, ସୁବାସ ଝାଙ୍କର, ଏ ପି ସିଂହ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ସ୍ନାତକ ୨ୟ ବର୍ଷର ଛାତ୍ର ଆୟୁଷ ବଢ଼ାଇ ଧନ୍ୟବାଦ ଦେଇଥିଲେ ।



# ଭାରତୀୟ ସଂସ୍କୃତିରେ ମଳ ମାସର ମାହାତ୍ମ୍ୟ

ଆମେରିକା ଆଦି ପାଶ୍ଚାତ୍ୟ ଦେଶରେ ସାଂସ୍କୃତିକ ଅନୁଷ୍ଠାନ ଓ ପର୍ବପର୍ବାଣି ସବୁ ସୌରଭିତ୍ତିକ ପଞ୍ଜିକା (କ୍ୟାଲେଣ୍ଡର) ଦ୍ୱାରା ନିର୍ଦ୍ଧାରିତ ହେଉଥିବା ବେଳେ ମଧ୍ୟପ୍ରାଚ୍ୟର ଇସଲାମିକ ଦେଶରେ ଏସବୁ ଚାନ୍ଦ୍ରଭିତ୍ତିକ ପଞ୍ଜିକା ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । ସୌର ଓ ଚାନ୍ଦ୍ରବର୍ଷ ମଧ୍ୟରେ ବାର୍ଷିକ ୧୧ଦିନ ପ୍ରଭେଦ ଥିବାରୁ ଏବଂ ପୃଥିବୀ ଚନ୍ଦ୍ରର କକ୍ଷ ବୃତ୍ତରେ ସ୍ଥିତି ପରିବର୍ତ୍ତନ ଘଟୁଥିବାରୁ ରମଜାନ ଆଦି ପର୍ବସବୁ ବର୍ଷର ବିଭିନ୍ନ ଋତୁରେ ତଥା ସମୟରେ ପଡ଼ିଥାଏ । ଏବେ ବଡ଼ଦିନ ଆରମ୍ଭ ଡିସେମ୍ବର ୨୨ ତାରିଖରୁ ଜାନୁଆରୀ ୧୫ ତାରିଖକୁ ଘୁଞ୍ଚି ଗଲାଣି । ଅନ୍ୟପକ୍ଷରେ ସାଂସ୍କୃତିକ ଅନୁଷ୍ଠାନ ଓ ପର୍ବପର୍ବାଣିକୁ ଋତୁଭିତ୍ତିକ ସ୍ଥାୟୀ ରୂପ ଦେବାପାଇଁ ଭାରତରେ ସୌର ଚାନ୍ଦ୍ରବର୍ଷ ମଧ୍ୟରେ ସହଯୋଗ ଓ ସମନ୍ୱୟ ରଖି ସୌରଚାନ୍ଦ୍ର ପଞ୍ଜିକା ବ୍ୟବହାର କରାଯାଏ । ଭାରତୀୟ ପଞ୍ଜିକା ଅନୁସାରେ, ପୃଥିବୀ କ୍ରାନ୍ତି ବୃତ୍ତରେ ସୂର୍ଯ୍ୟ ପରିକ୍ରମଣ କରୁଥିବାବେଳେ ନିରୟନ ଅଶ୍ୱିନୀ ନକ୍ଷତ୍ରର ତଥା ମେଷ ରାଶିର ଶୂନ ବିନ୍ଦୁରେ ପହଞ୍ଚିଲେ ସେଦିନ ମହାବିଷୁବ ସଂକ୍ରାନ୍ତି ହୋଇଥାଏ । ଏହିପରି ମେଷାଦି ଦ୍ୱାଦଶ ରାଶିର ଆଦ୍ୟ ବିନ୍ଦୁରେ ପହଞ୍ଚିଲେ ଦ୍ୱାଦଶଟି ସଂକ୍ରାନ୍ତି ବା ଦ୍ୱାଦଶ ସୌରମାସ ସଂଘଟିତ ହୋଇଥାଏ । ବିଷୁବ ସଂକ୍ରାନ୍ତିର ଠିକ୍ ପର ଅମାବାସ୍ୟା ଅନ୍ତେ ବୈଶାଖୀ ମାସ ଶୁକ୍ଳପକ୍ଷ ଆରମ୍ଭ ହୋଇଥାଏ । ଏହିପରି କ୍ରମରେ ସଂକ୍ରାନ୍ତି ପର ଅମାବାସ୍ୟା ଠାରୁ ଜ୍ୟେଷ୍ଠ, ଆଷାଢ଼ ଆଦି ମାସର ଶୁକ୍ଳପକ୍ଷ ଆରମ୍ଭ ହୋଇଥାଏ । ଏଥିରୁ ସ୍ପଷ୍ଟ ହୁଏ ଯେ, ପ୍ରତି ସୌର ମାସରେ ଗୋଟିଏ ଚାନ୍ଦ୍ରମାସ ନିଶ୍ଚୟ ଆସିଥାଏ । ସୌରମାସ ଠାରୁ ଚାନ୍ଦ୍ରମାସ ଛୋଟ ଅଟେ । ଯଦି କୌଣସି ସୌର ମାସରେ ଦୁଇଟି ଅମାବାସ୍ୟା ସହ ଦୁଇଟି ଚାନ୍ଦ୍ରମାସ ଆରମ୍ଭ ହୁଏ, ତେବେ ପ୍ରଥମ ଚାନ୍ଦ୍ରମାସକୁ ମଳ ବା ମଳିମ୍ଳୁଚ ବା ଅଧିକ ମାସ କୁହାଯାଏ । ଦ୍ୱିତୀୟ ଚାନ୍ଦ୍ରମାସକୁ ଶୁଦ୍ଧ ଚାନ୍ଦ୍ରମାସ କୁହାଯାଏ । ଗାଣିତିକ ହିସାବରେ କହିଲେ- ପୃଥିବୀର ସୂର୍ଯ୍ୟ ପରିକ୍ରମଣ ସମୟ ହେଉଛି ଏକ ସୌରବର୍ଷ ୩୬୫.୨୪୨୨ ଦିନ । ବାର ମାସ ବିଶିଷ୍ଟ ଏକ ଚାନ୍ଦ୍ରବର୍ଷ- (୨୯.୫୩୧ ଗୁଣନ ୪୧୨)- ୩୫୪.୩୭୨ ଦିନ । ଗୋଟିଏ ସୌରବର୍ଷ ଓ ଚାନ୍ଦ୍ରବର୍ଷ ମଧ୍ୟରେ ବାର୍ଷିକ ବ୍ୟବଧାନ ୧୦.୮୫୦୨ ଦିନ । ୩୬ ମାସରେ ଏହି ବ୍ୟବଧାନ ୩୨.୬୧୦୬ ଦିନ । ୩୩ ମାସରେ ଏହି ବ୍ୟବଧାନ ୨୯.୮୯୩ ଦିନ, ଯାହାକି ଗୋଟିଏ ଚାନ୍ଦ୍ରମାସ ୨୯.୫୩୧ ଦିନଠାରୁ ଅଧିକ । ଏଥିରୁ ସ୍ପଷ୍ଟ ହୁଏ ଯେ, ପ୍ରତି ୩୩ ମାସପରେ ସୌରମାସ ଠାରୁ ଚାନ୍ଦ୍ରମାସ ଏକମାସ ଅଧିକ ହୋଇଥାଏ । ଅଧିକ ମାସଟିରେ ସଂକ୍ରାନ୍ତି ହେଉନଥିବାରୁ ଏହାକୁ ଅଧି ମାସ, ମତାନ୍ତରେ ଅଧିକ ମାସ କୁହାଯାଏ ।

ସାମନ୍ତ ଚନ୍ଦ୍ରଶେଖର ପଞ୍ଜିକା ଅନୁସାରେ ଏବର୍ଷ ୧୮.୭.୨୦୨୩ ରୁ ୧୬.୮.୨୦୨୩ ମଳ ମାସ ହେବ । 'ଅସଂକ୍ରମଣାନ୍ତେ ତତ୍ ମାସଂ ଅଧିକ ମାସ ସ୍ମୃତଃ' । ବଶିଷ୍ଠ ସିଦ୍ଧାନ୍ତ ମତରେ ଅଧିକ ମାସ ୩୨ମାସ ୧୬ଦିନ ୮ଦଣ୍ଡ ଅନ୍ତରେ ଘଟିଥାଏ । ଆଧୁନିକ ଗଣିତ ଜ୍ୟୋତିଷରେ ତେତିଶ ମାସରେ ଅଧିକ ମାସ ତୁଳନାରେ ବଶିଷ୍ଠ ସିଦ୍ଧାନ୍ତର ଗଣନା ପ୍ରାଚୀନ ଗଣନାର ଶ୍ରେଷ୍ଠତ୍ୱ ଓ ସଠିକତା ଦର୍ଶାଏ । 'ଦ୍ୱାତ୍ରିଂଶଦ୍ଭିଃ ଗତୈଃ ମାସୈଃ ଷୋଡ଼ଶାଭିସ୍ତଥା, ଘଟିକାନାଂ ଚତୁଷ୍କୋଣେ ପତତ୍ୟାଧିକ ମାସକଃ' । ପୃଥିବୀ ଅଣ୍ଡାକାର କ୍ରାନ୍ତି ବୃତ୍ତରେ ସୂର୍ଯ୍ୟଙ୍କୁ ପରିକ୍ରମଣ କରୁଥିବାରୁ ବେଳେବେଳେ ସୌରମାସ ୩୦, ୩୧ ବା ୩୨ଦିନ ବିଶିଷ୍ଟ ହୋଇଥାଏ ଏବଂ ଅଧିକ ମାସ ୨୯ରୁ ୩୫ ମାସ ମଧ୍ୟରେ ଘଟିବାର ସମ୍ଭାବନା ଥାଏ । ମହାଭାରତରେ ପ୍ରତି ପାଞ୍ଚ ବର୍ଷରେ ଦୁଇଟି ଅଧିକ ମାସ ହେଉଥିବାର ବର୍ଣ୍ଣନା ଅଛି । ପ୍ରତି ଉଣେଇଶି ବର୍ଷରେ ସାତଟି ମଳ ମାସ ଓ ମଳ ମାସର ପୁନରାବୃତ୍ତି ଘଟିଥାଏ । ଭାରତୀୟ ସଂସ୍କୃତିରେ ଜଗତଉନ୍ମୁଖୀ ତଥା ବେଦ (ଶ୍ରୁତି), ଶାସ୍ତ୍ର (ସ୍ମୃତି) ସମ୍ମତ ସମସ୍ତ ଐହିକ, ଅଭ୍ୟୁଦୟିକ ଓ ପାର୍ଥିବ ଶୁଭ ମାଙ୍ଗଳିକ କର୍ମ ସବୁ ସୂର୍ଯ୍ୟ ଚନ୍ଦ୍ରଙ୍କ ସାକ୍ଷ୍ୟ ପ୍ରମାଣରେ ପ୍ରତିଷ୍ଠିତ ବେଦାଙ୍ଗ ଜ୍ୟୋତିଷ ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ । ମାତ୍ର ଅଧିକ ମାସ ସହ ସୂର୍ଯ୍ୟଙ୍କର ସ୍ପର୍ଶ ଓ ସ୍ୱୀକୃତି ନଥିବାରୁ ଉପରେ ବର୍ଣ୍ଣିତ ବେଦ-ଶାସ୍ତ୍ର ଆଧାରିତ କର୍ମ ସବୁ ଅଧିକ ମାସରେ ମଳତୁଲ୍ୟ ତ୍ୟାଜ୍ୟ ଏବଂ ଅସ୍ପୃଶ୍ୟ ଅଟେ । କୌଣସି ଶୁଭ କର୍ମ ହୋଇପାରେ ନାହିଁ । ଏଣୁ ଅଧିକ ମାସକୁ ମଳ ମାସ କୁହାଯାଏ, ଅନ୍ୟପକ୍ଷରେ- ବ୍ରହ୍ମ ଉନ୍ମୁଖୀ ବିଦ୍ୟା, ନିଃଶ୍ରେୟସ ସିଦ୍ଧି, ସଫଳତା ନିର୍ବାଣ ଓ ମୋକ୍ଷପ୍ରେରକ ସାଧନା ପାଇଁ ମଳ ମାସ ଶ୍ରେଷ୍ଠ ଅଟେ । ବର୍ଷ ମଧ୍ୟରେ ପୁଣ୍ୟପ୍ରଦ ବୈଶାଖ, କାର୍ତ୍ତିକ ଓ ମାଘ ମାସ ଅପେକ୍ଷା ମଳ ମାସ ଅଧିକ ପୁଣ୍ୟପ୍ରଦ । ଅଧିକ ପୁଣ୍ୟଫଳ ପ୍ରାପ୍ତିର ସୁଯୋଗ ଥିବାରୁ ଧର୍ମାତ୍ମାମାନେ ଅଧି ବା ଅଧିକ ମାସ ନାମ ଦେଇଥାନ୍ତି । ଏହି ଅଧିକ ମାସ ମଳ ବା ପାପକ୍ଷୟ କାରକ ହେତୁ ଗୌଡ଼ୀୟ ବୈଷ୍ଣବମାନଙ୍କ ମତରେ ମଳ ମାସ ନାମରେ ଆଖ୍ୟାୟିତ । ଅଧିକ ଆଷାଢ଼ ମାସ (ଯୋଡ଼ା ଆଷାଢ଼) ରେ ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କର ନବକଳେବର ହେଉଥିବାରୁ ଏ ମାସକୁ ପୁରୁଷୋତ୍ତମ ମାସ କୁହାଯାଏ । ଭଗବାନ ପୁରୁଷୋତ୍ତମଙ୍କ ଠାରେ ସାଯୁଜ୍ୟ, ସାମୀପ୍ୟ, ସାରୂପ୍ୟ କିମ୍ବା ସାଲୋକ୍ୟ ମୁକ୍ତିଲକ୍ଷ୍ୟରେ ନବଧା ଭକ୍ତିରେ ନିଷ୍କାମ ସାଧନା କରୁଥିବା ଭକ୍ତ ଓ ସାଧକଙ୍କ ପାଇଁ ଏ ମାସ ଅପୂର୍ବ ସୁଯୋଗ ଆଣିଥାଏ ।

ଚିରଞ୍ଜୀବୀ ବେଦବ୍ୟାସ ବିରଚିତ ପଦ୍ମପୁରାଣରେ ମହର୍ଷି ସୂତ ଗୋସ୍ୱାମୀ ନୈମିଷାରଣ୍ୟରେ ଋଷିମାନଙ୍କୁ ପୁରୁଷୋତ୍ତମ ମାସର ମହତ୍ତ୍ୱ ଓ ଶ୍ରେଷ୍ଠତା ବିଷୟରେ ନାରଦ-ନାରାୟଣ କଥୋପକଥନ ଓ ଶ୍ରୀକୃଷ୍ଣ ଯୁଧିଷ୍ଠିର ପ୍ରଶ୍ନୋତ୍ତର ମାଧ୍ୟମରେ ବିଶଦ ବର୍ଣ୍ଣନା କରିଛନ୍ତି । ମାସିକ ଓ ପ୍ରଥମ ବାର୍ଷିକ ଶ୍ରାଦ୍ଧ, ଚାତୁର୍ମାସ୍ୟାରେ ପଡୁଥିବା ମହାଳୟାଦି ଶ୍ରାଦ୍ଧ ଅଧିକ ମାସରେ କରଣୀୟ । ଦର୍ଶ, ନିତ୍ୟ, ଯୁଗାଦି, ମାନବାଦି, ଏକାଦଶୀ, ଗ୍ରହଣ, ପରାଗ ଶ୍ରାଦ୍ଧ, ତୀର୍ଥଶ୍ରାଦ୍ଧ ଅଧିକ ମାସରେ କରଣୀୟ । ଅଧିକ ମାସରେ ପୁରୁଷୋତ୍ତମ ବିଷ୍ଣୁ ଭଗବାନଙ୍କର ପୂଜାବ୍ରତ କରାଯାଏ । ମାସ ସ୍ନାନ: ପ୍ରତ୍ୟହ ଅରୁଣୋଦୟ ସମୟରେ ସ୍ନାନ କରି ସୂର୍ଯ୍ୟନାରାୟଣଙ୍କୁ ଜଳଅର୍ଘ୍ୟ ଓ ପିତୃପୁରୁଷଙ୍କୁ ତର୍ପଣ ଦିଆଯାଏ । ମହର୍ଷି ଦୁର୍ବାସାଙ୍କ ମତରେ ତୀର୍ଥସ୍ଥାନରେ ସ୍ନାନ ବିଶେଷ ପୁଣ୍ୟବର୍ଦ୍ଧକ ଓ ପାପକ୍ଷୟ କାରକ ଅଟେ । ପ୍ରାତଃସ୍ନାନ ସ୍ୱାସ୍ଥ୍ୟବର୍ଦ୍ଧକ । ପୂଜାବ୍ରତ ପାଇଁ ସୁସ୍ୱାସ୍ଥ୍ୟ ଅପରିହାର୍ଯ୍ୟ । ଅଯାଚିତ ବ୍ରତ: କାହାଠାରୁ କିଛି କାମନା ନରଖି ଆତ୍ମତୃପ୍ତ ହୋଇ ବିଷ୍ଣୁ ଭଗବାନଙ୍କ ଉଦ୍ଦେଶ୍ୟରେ ବ୍ରତ ଉପବାସ କରଣୀୟ । ଏକ ଭୁକ୍ତ (ଦିନକୁ ଥରେ) ନକ୍ତ ଭୁକ୍ତ (ସୂର୍ଯ୍ୟାସ୍ତ ପରେ ଭୋଜନ କରଣୀୟ) ଅଖଣ୍ଡ ଦୀପ: ଅଧିକ ମାସରେ ମାସବ୍ୟାପୀ ଅଖଣ୍ଡ ଦୀପ ପ୍ରଜ୍ୱଳନ କରିବା ଉଚିତ୍ । ଅଖଣ୍ଡ ଦୀପ ପରମ ବ୍ରହ୍ମଙ୍କର ବ୍ରହ୍ମାଣ୍ଡ ବ୍ୟାପ୍ତ ଅଖଣ୍ଡ ଜ୍ୟୋତିର ପ୍ରତୀକ । ଦୀପ ସେବା: ପୁରୁଷୋତ୍ତମ ମାସ ତେତିଶ ମାସରେ ହେଉଥିବାରୁ ଏବଂ ସନାତନ ସଂସ୍କୃତିରେ ତେତିଶ ଦେବତା ମୁଖ୍ୟ ଥିବାରୁ ମାସବ୍ୟାପୀ ପ୍ରତ୍ୟହ ତେତିଶ ଦୀପ ପ୍ରଜ୍ୱଳନ କରିବା ବିଧେୟ । ସମ୍ଭବ ନହେଲେ ବିଶେଷ ତିଥି ଶୁକ୍ଳପକ୍ଷ ଦ୍ୱାଦଶୀ ଓ ପୂର୍ଣ୍ଣିମା, କୃଷ୍ଣପକ୍ଷ ଅଷ୍ଟମୀ, ନବମୀ, ଦ୍ୱାଦଶୀ, ଚତୁର୍ଦ୍ଦଶୀ, ଅମାବାସ୍ୟା ଦିନ ତେତିଶ ଦେବତାଙ୍କ ଉଦ୍ଦେଶ୍ୟରେ ତେତିଶ ଦୀପ ଦାନ କର୍ତ୍ତବ୍ୟ ଏବଂ ଦୀପଂ ଜ୍ୟୋତି ପରମ ବ୍ରହ୍ମ ମନ୍ତ୍ର ପଠନୀୟ । ବିଷ୍ଣୁ ପଞ୍ଚକମ୍: ପୁରୁଷୋତ୍ତମ ବିଷ୍ଣୁ ଭଗବାନଙ୍କ ପ୍ରିୟ ନକ୍ଷତ୍ର ଶ୍ରବଣା ନକ୍ଷତ୍ର, ଦୁଇ ଏକାଦଶୀ (ଅମାବାସ୍ୟା ଓ ପୂର୍ଣ୍ଣିମା) ଦିନ ନବଧା ଭକ୍ତିରେ ବିଷ୍ଣୁ ପଞ୍ଚକ ବ୍ରତ କର୍ତ୍ତବ୍ୟ । କ୍ରମବର୍ଦ୍ଧିଷ୍ଣୁ ବ୍ରହ୍ମାଣ୍ଡର ବର୍ଦ୍ଧିଷ୍ଣୁ ଦେବତା ହେଉଛନ୍ତି ବିଷ୍ଣୁ । ବ୍ୟାପ୍ତୋତି ଇତି ବିଷ୍ଣୁ । ସ୍ୱାଧ୍ୟାୟ: ପ୍ରତ୍ୟହ ଶ୍ରୀମଦ୍ ଭାଗବତ, ଭାଗବତ ଗୀତା, ବ୍ରହ୍ମସ୍ତବ ଜଗନ୍ନାଥ ଅଷ୍ଟକ ଏବଂ ପୁରୁଷ ସୂକ୍ତ ପଠନ କର୍ତ୍ତବ୍ୟ । ବିଷ୍ଣୁପଞ୍ଚକ ବ୍ରତରେ ଷୋଡ଼ଶ ଉପଚାରରେ ପୂଜା କରଣୀୟ । ଅପୂପ ବା ଆରିସା ପିଠା, ନୈବେଦ୍ୟ ଦିଆଯାଏ । ଆରତି, ପ୍ରଦକ୍ଷିଣ, ବ୍ରାହ୍ମଣଙ୍କୁ ତାମ୍ବୁଳ ଦାନ, ଅକର୍ମଣ୍ୟ ବୃଦ୍ଧବୃଦ୍ଧାଙ୍କୁ ପାନ ଓ ସେବା ଦେଇ ବ୍ରତ ସମାପନ କରାଯାଏ । ମହାରାଷ୍ଟ୍ରର ବିଡ୍ ଜିଲ୍ଲା ସ୍ଥିତ ପୁରୁଷୋତ୍ତମ ପୁରୀ ମନ୍ଦିରରେ ଅଧିକ ମାସରେ ମାସବ୍ୟାପୀ ମେଳା ହୋଇଥାଏ । ସେହିପରି ନେପାଳର ମାଛେନାଗାଉଁ ଗ୍ରାମରେ ମାଛେନାରାୟଣଙ୍କ ମନ୍ଦିରରେ ପୁରୁଷୋତ୍ତମ ମାସରେ ମାସବ୍ୟାପୀ ଭାସମାନ ପୁରୁଷୋତ୍ତମଙ୍କର ପୂଜା କରାଯାଇଥାଏ । ପୁରୁଷୋତ୍ତମ ବିଷ୍ଣୁ ଭଗବାନ ସର୍ବତ୍ର ବିଦ୍ୟମାନ । ସବୁ କିଛି ବ୍ରହ୍ମାଣ୍ଡରେ ତାଙ୍କଠାରୁ ସୃଷ୍ଟ । ସେ ସବୁ କିଛିରେ ବିଦ୍ୟମାନ । ସ୍ଥାନ-କାଳ-ପାତ୍ର ଭେଦରେ କେହି ତ୍ୟାଜ୍ୟ ବା ଅସ୍ପୃଶ୍ୟ ନୁହଁନ୍ତି । ସମସ୍ତଙ୍କର କିଛି ମହତ୍ତ୍ୱ ଓ ଗୁଣବତ୍ତା ଅଛି । ଆଧିଭୌତିକ ଓ ଆଧିଦୈବିକ କ୍ଷେତ୍ରରେ ପୁରୁଷୋତ୍ତମ ମାସ ତ୍ୟାଜ୍ୟ ହେଲେ ବି ଆଧ୍ୟାତ୍ମିକ ଓ ପରମାର୍ଥିକ ସିଦ୍ଧି ପାଇଁ ପୁଣ୍ୟପ୍ରଦ ଅଟେ ।

## ଆଜିର ଚିନ୍ତନ

ଚକ୍ରଧାରୀ ଶ୍ରୀକୃଷ୍ଣଙ୍କର ସୁଦାମା ଥିଲେ ଅନ୍ତରଙ୍ଗ ସଖା । ସଖା ବଡ଼ ମାୟାବୀ ବୋଲି ସମସ୍ତେ କୁହାକୁହି ହେଉଥିବା ଜାଣି ଦିନେ ପ୍ରଶ୍ନ କରିଥିଲେ- 'ସଖା ! ସମସ୍ତେ ଯେ ତୁମକୁ ମାୟାଧର, ମାୟାବୀ ବୋଲି କହୁଛନ୍ତି ମୁଁ ଜାଣିବାକୁ ଚାହୁଁଛି କ'ଣ ଏଇ ମାୟା ?' ସୁଦାମାଙ୍କ ଉତ୍ସୁକତାକୁ ଲକ୍ଷ୍ୟକରି ଶ୍ରୀକୃଷ୍ଣ ପ୍ରତିଶ୍ରୁତି ଦେଇଥିଲେ ଅବସର ମିଳିଲେ ଏହା ଦେଖାଇ ଦେବି, ଏବେ ନୁହେଁ ।

ସେଦିନ ଦୁଇ ମିତ ଗୋମତୀ ନଦୀକୁ ସ୍ନାନ ନିମନ୍ତେ ଯାଇଥିଲେ । ସୁଦାମା ପାଣିରେ ବୁଡ଼ିବା ମାତ୍ରେ ମାୟା ଦେଖାଇବା ଆରମ୍ଭ କରିଥିଲେ ଶ୍ରୀକୃଷ୍ଣ । ମାୟା ପ୍ରଭାବରେ ସୁଦାମାଙ୍କୁ ଲାଗିଲା ଗୋମତୀର ପ୍ରଳୟଙ୍କାରୀ ବନ୍ୟାରେ ଭାସିଯାଇ ସମ୍ପୂର୍ଣ୍ଣ ଅପରିଚିତ ଜାଗାରେ ପହଞ୍ଚି ଯାଇଛନ୍ତି । ଏଣେତେଣେ ବହୁତ ବୁଲିବୁଲି ଏକ ନଗରୀରେ ପ୍ରବେଶ କରିଥିଲେ । ଦେଖିଲେ କିଛିଦୂରରୁ ଲୋକଙ୍କ ପଟୁଆର ଆସୁଛି । ସମ୍ମୁଖ ଭାଗରେ ଆସୁଛି ଏକ ହସ୍ତିନୀ । ହସ୍ତିନୀ ଶୁଣ୍ଢରେ ଧରିଥିଲା ଏକ ମାଳା । ଆଶ୍ଚର୍ଯ୍ୟଜନକ ଭାବରେ ହସ୍ତୀନୀ ତାଙ୍କରି ଗଳାରେ ଲମ୍ବାଇ ଦେଇଥିଲା ମାଳା । ଲୋକେ ଭବ୍ୟ ସ୍ୱାଗତ କରି ନେଇଗଲେ ରାଜା ଭାବରେ ମାନ୍ୟ କରି । ରାଜକୁମାରୀଙ୍କୁ ବିବାହ କରି ସନ୍ତାନ ସନ୍ତତିଙ୍କ ଜନକ ହେଲେ ।

ଦିନେ ରାଣୀଙ୍କର ମୃତ୍ୟୁ ହୋଇଗଲା । ପତ୍ନୀ ବିରହରେ ଶୋକାକୁଳ ହୋଇ ରାଜା କାନ୍ଦିବାକୁ ଲାଗିଲେ । ହେଲେ ଏହି କାନ୍ଦିବା ଥିଲା କ୍ଷଣସ୍ଥାୟୀ । ପତ୍ନୀଙ୍କ ନିଧନରେ ଅଳ୍ପ ସମୟ ପରେ କିଛି ଲୋକ ଆସି ତାଙ୍କୁ ସମାଚାର ଦେଇ କହିଲେ- 'ଆପଣ ପ୍ରସ୍ତୁତ ହୋଇଯାଆନ୍ତୁ । ରାଜ୍ୟର ନିୟମ ଅନୁଯାୟୀ ପତ୍ନୀଙ୍କ ଚିତାରେ ଆପଣଙ୍କୁ ଜଳାଇ ଦିଆଯିବ । ଏହା ଶୁଣି ସୁଦାମା ଭୟରେ ଗୋଟାପଣେ ଥରିବାକୁ ଲାଗିଲେ । ପିଣ୍ଡରୁ ପ୍ରାଣ ବାହାରିଗଲା ଭଳି ଲାଗିଲା । ପତ୍ନୀ ପାଇଁ ଯେ କାନ୍ଦୁଥିଲେ ଏବେ ନିଜେ ଜିଅନ୍ତା ଚିତାରେ ଜଳିବା କଥା ଭାବି ଜୋରରେ କାନ୍ଦିବାକୁ ଲାଗିଲେ । ଅନୁନୟ ବିନୟ ହୋଇ କହିଲେ- 'ଭାଇ ! ମୁଁ ପରଦେଶୀ, ବାହାରୁ ଏଠାକୁ ଆସିଥିଲି । ମୋ ପାଇଁ କାହିଁକି ଆପଣଙ୍କ ନିୟମ ଲାଗୁ କରୁଛନ୍ତି । ମୋତେ ଏଥିରୁ ବାଦ୍ ଦିଅନ୍ତୁ ଦୟାକରି । ସେମାନଙ୍କର ସମ୍ମିଳିତ ଉତ୍ତର ଥିଲା ଯାହା ହେଲେ ବି ଆପଣ ଆମର ରାଜା ଥିଲେ । ଆପଣ ନିୟମ ନମାନିଲେ ଅନ୍ୟମାନେ ମାନିବେ କିପରି ? କୌଣସି ପ୍ରକାରେ ଖସି ପଳାଇଯିବା ପାଇଁ ଉପାୟ ଚିନ୍ତାକରି କହିଥିଲେ ସନ୍ଧ୍ୟାରେ ଥରେ ମାତ୍ର ମୋତେ ସ୍ନାନର ସୁଯୋଗ ଦିଅନ୍ତୁ । ତା' ପରେ ଜଳାଇ ଦେବେ । ସ୍ନାନବେଳେ ସନ୍ତର୍ପଣରେ ଖସି ପଳାଇଯିବା ପାଇଁ ଇଚ୍ଛାକରି ସେ ଏହା କହିଥିଲେ । ହେଲେ ସ୍ନାନ ସମୟରେ ଲୋକମାନେ ତାଙ୍କ ଉପରେ ତୀକ୍ଷ୍ଣ ନଜର ରଖିଥିଲେ । ଖସିଯିବାର କୌଣସି ବି ବାଟ ନ ଥିଲା । ଏଭଳି ଭୟଙ୍କର ବିପତ୍ତିରେ ମନକୁ ଆସିଥିଲା ସଖାଙ୍କ କଥା । ଆତଙ୍କ ନାଶନକାରୀ ସଖାଙ୍କୁ ସ୍ମରଣ କରି ବୁଡ଼ ଦେଇ ଉଠିଲା ମାତ୍ରେ ଦେଖିବାକୁ ପାଇଥିଲେ କେହି କୁଆଡ଼େ ନାହାନ୍ତି । ମାୟା ଅପସରି ଯାଇଛି, ସେ ସମ୍ପୂର୍ଣ୍ଣ ଏକାକୀ । ଉପରକୁ ଉଠି କାନ୍ଦିକାନ୍ଦି ଯାଉଥିବା ସମୟରେ ଦେଖିଲେ ଅଦୂରରେ ସଖା ଶ୍ରୀକୃଷ୍ଣଙ୍କ ସ୍ନାନ ସାରି ବସ୍ତ୍ର ପରିଧାନ କରୁଛନ୍ତି । ସଖା ଆତୁରତା ପଚାରିଥିଲେ- ମିତ୍ର ! କାନ୍ଦୁଛ କାହିଁକି ? ସେହିଭଳି କାନ୍ଦିକାନ୍ଦି ସୁଦାମା କହିଥିଲେ- ମିତ୍ର ! ପାଣିରେ ବୁଡ଼ ଦେଲାମାତ୍ରେ କ'ଣ ହେଲା ମୁଁ ଜାଣି ପାରିଲିନି । ଭୟଙ୍କର ଦୁର୍ଦ୍ଦଶାରେ ଫସି ଯାଇଥିଲି । ଶ୍ରୀକୃଷ୍ଣ ହସିହସି କହିଥିଲେ- ଏଇ ତ ମୋର ମାୟା ମିତ୍ର ।

# ଅଧିମାସର ଆରାଧ୍ୟ ଶ୍ରୀପୁରୁଷୋତ୍ତମ

ମଳମାସକୁ ପୁରୁଷୋତ୍ତମ ମାସ କୁହାଯାଏ । କାରଣ ମଳମାସର ଆରାଧ୍ୟ ଦେବତା ହେଉଛନ୍ତି ଶ୍ରୀପୁରୁଷୋତ୍ତମ । ଯେମିତି ବାରମାସର ଆରାଧ୍ୟ ଦେବତା ହେଉଛନ୍ତି ନାରାୟଣଙ୍କର ବିଭିନ୍ନ ରୂପ । ଭାରତୀୟ ସଂସ୍କୃତିରେ ଭଗବାନଙ୍କର ବିଭିନ୍ନ ରୂପକୁ ଯିଏ ଯେଉଁ ମାସର ଆରାଧ୍ୟ ଦେବତା ସେହି ଦେବତାଙ୍କୁ ଉପାସନା କଲେ ମନୁଷ୍ୟର ସଦ୍‌ଗତି ହୋଇଥାଏ ବୋଲି ବିଶ୍ୱାସ ରହିଛି । ଭାଗବତରେ ଉତ୍କଳର ବ୍ୟାସ ମଧ୍ୟ ଲେଖିଛନ୍ତି- ମୁକତି ଅଟଇ ବିଶ୍ୱାସ । ଭଗବାନଙ୍କର ମୁଖ ନିଃସୃତ ଶ୍ରୀମଦ୍ ଭଗବଦ୍ ଗୀତାର ଦଶମ ଅଧ୍ୟାୟ ବିଭୂତି ଯୋଗରେ ୩୫ନଂ ଶ୍ଲୋକରେ "ମାସାନାଂ ମାର୍ଗଶୀର୍ଷୋହଂ" ଲିଖିତ ଅଛି । ଅର୍ଥାତ୍ ମାର୍ଗଶୀରଠାରୁ ମାସ ଆରମ୍ଭ ହେଲେ ପ୍ରତିମାସର ଆରାଧ୍ୟ ହେଲେ "କେଶବ ମାର୍ଗଶୀର୍ଷେଷୁ, ପୌଷେ ନାରାୟଣ ସ୍ତଥା । ମାଧବ ମାଘ ମାସେତି ଫାଲଗୁନେ ଗୋବିନ୍ଦତଥା, ଚୈତ୍ରେ ବିଷ୍ଣୁ ଇତିଖ୍ୟାତା, ବୈଶାଖେ ମଧୁସୂଦନ, ଜ୍ୟେଷ୍ଠେ ତ୍ରିବିକ୍ରମନାମ, ଆଷାଢେ ସ୍ମୈବ ବାମନ । ଶ୍ରୀଧର ଶ୍ରାବଣେମେସି ହୃଷୀକେଶ ତୁ ଭାଦ୍ରବେ ଆଶ୍ୱିନେ ପଦ୍ମନାଭସ୍ତୁ, ଦାମୋଦରସ୍ତୁ କାର୍ତ୍ତିକେ, ପୁରୁଷୋତ୍ତମ ଇତିଖ୍ୟାତା, ମଳମାସେ ପ୍ରକୀର୍ତ୍ତିତା ।" ସନାତନ ଧର୍ମର ମୂଳ ଆଧାର ବେଦ । ବେଦରେ ପୁରୁଷୋତ୍ତମଙ୍କର ଜୟ, ଯଶ ଗାନ କରାଯାଇଛି । ଯେଉଁଠାରେ ଦର୍ଶାଯାଇଛି ଯେ ଯିଏ ବିନା ପାଦରେ ଚାଲନ୍ତି, ହାତ ବିନା କର୍ମ କରନ୍ତି, କାନ ବିନା ଶୁଣନ୍ତି, ବିନା ପାଟିରେ କଥା କହନ୍ତି, ଭିନ୍ନ ଏକ ଆଖି ଯାହାର ପତା ନାହିଁ ଏବଂ ଯାହାର ଆରାଧନା ସେହି ଉତ୍ତଭୂମି ପୁରୁଷୋତ୍ତମ କ୍ଷେତ୍ରରେ ହିଁ ହୋଇଥାଏ । ବ୍ୟାସ ପ୍ରଣୀତ ଅଷ୍ଟାଦଶ ପୁରାଣ ମଧ୍ୟରୁ ପଦ୍ମପୁରାଣରେ ଉଲ୍ଲେଖ ରହିଛିଯେ, ମଳମାସ କ୍ରନ୍ଦନ କରି ଭଗବାନ ପୁରୁଷୋତ୍ତମଙ୍କ ନିକଟରେ ପ୍ରାର୍ଥନା କଲେ । କହିଲେ ପ୍ରଭୁ ! ଏହି ମାସରେ ତ କେହି ଦେବତା ନାହାନ୍ତି । ଜ୍ୟୋତିର୍ବିଦଙ୍କ ମତରେ ମଳ ମାସ ହେଉଛି ଅଶୁଭ ମାସ । ମୋ' ପ୍ରତି ଦୟା କରନ୍ତୁ । କୃପାସାଗର ଜଗନ୍ନାଥ ମହାପ୍ରଭୁ କହିଲେ ଏହି ମାସର ଆରାଧ୍ୟ ଦେବତା ହେଉଛି ମୁଁ । ମୋତେ ଆରାଧନା କଲେ ମନୁଷ୍ୟ ପରମ ଗତି ଲାଭ କରିବ ଓ ଅଧିମାସ ପୁରୁଷୋତ୍ତମ ମାସ ନାମରେ ଜଗତରେ ଖ୍ୟାତ ହେବ । ଏହା ମୁକ୍ତିର ମାସ । ଅତ୍ୟନ୍ତ ଶୁଭପ୍ରଦ ଉଲ୍ଲେଖନୀୟ କି, ଆଷାଢ଼ରେ ଅଧିମାସ ପଡିଲେ ମହାପ୍ରଭୁ ଜଗନ୍ନାଥଙ୍କର ନବକଳେବର ହୁଏ । ତେବେ ମଳ ମାସ ପଡ଼େ କାହିଁକି ? ମାସ ଦୁଇ ପ୍ରକାର ଗଣନା କରାଯାଏ । ଅର୍ଥାତ୍ ସଂକ୍ରାନ୍ତି ମତରେ ସୌର ମାସ ଓ ପୂର୍ଣ୍ଣିମା ମତରେ ଚାନ୍ଦ୍ରମାସ । ପ୍ରତ୍ୟେକ ସୌର ବର୍ଷ, ଚାନ୍ଦ୍ର ବର୍ଷ ଠାରୁ ୧୧ ଦିନ ଅଧିକ ଅଟେ । ଏଣୁ ପ୍ରତି ୨ ବର୍ଷ ଆଠ ମାସରେ ଏକ ମାସ ଅଧିକ ହୋଇଯାଏ । ଏହାକୁ ଅଧିମାସ ବା ମଳମାସ କହନ୍ତି । ମାଧବାଚାର୍ଯ୍ୟଙ୍କ ମତରେ ସଂକ୍ରାନ୍ତି ବିହୀନ ଚାନ୍ଦ୍ର ମାସକୁ ମଳମାସ କହନ୍ତି । ଏହି ମଳମାସରେ ଯଦି ଜଣେ ଶ୍ରୀମଦ୍ ଭଗବଦ୍ ଗୀତାର ଦ୍ୱାଦଶ ଅଧ୍ୟାୟ ଶ୍ରୀପୁରୁଷୋତ୍ତମ ଯୋଗକୁ ପ୍ରତ୍ୟହ ପାଠ କରିବ ସେ ସମଗ୍ର ଗୀତାପାଠ ଫଳପ୍ରାପ୍ତି ହେବ । ଏ ବର୍ଷ ଶ୍ରାବଣରେ ଜୁଲାଇ ୧୮ ତାରିଖରୁ ଅଧିମାସ ଆରମ୍ଭ ହୋଇଛି । ଅଗଷ୍ଟ ୧୬ ରେ ଏହା ଶେଷ ହେବ । ଏହି ମାସ ତମାମ ପ୍ରଭୁ ଶ୍ରୀଜଗନ୍ନାଥ ପୁରୁଷୋତ୍ତମଙ୍କ ଆରାଧନା କରିବା ବିଧେୟ । ପ୍ରତ୍ୟେହ ଗୀତା, ଭାଗବତ, ରାମାୟଣ ଇତ୍ୟାଦି ପାଠ କଲେ ନିଶ୍ଚିତ ଭାବରେ ଶ୍ରୀ ପୁରୁଷୋତ୍ତମଙ୍କ କୃପା ଲାଭ ସହିତ ସଦ୍‌ଗତି ପ୍ରାପ୍ତ ହେବ ।

ବର୍ଷ ୨୭, ସଂଖ୍ୟା- ୩୧, ୩୦ ଜୁଲାଇ - ୫ ଅଗଷ୍ଟ ୨୦୨୩

# ଗୁଣାତ୍ମକ ଶିକ୍ଷା

**ଶି**କ୍ଷା ହେଉଛି ପ୍ରତ୍ୟେକ ଭାରତୀୟମାନଙ୍କ ମୌଳିକ ଅଧିକାର । ଅନ୍ୟ ଅର୍ଥରେ କହିଲେ ଶିକ୍ଷା ହିଁ ସଫଳତାର ସ୍ୱର୍ଣ୍ଣିମ ଚାବିକାଠି । ଭାରତୀୟ ସମ୍ବିଧାନର ଭାଗ ୩ ର ଅନୁଚ୍ଛେଦ ୧୨ - ୩୫ ମଧ୍ୟରେ ଉଲ୍ଲିଖିତ ୬ ଗୋଟି ମୌଳିକ ଅଧିକାର ମଧ୍ୟରେ ଶିକ୍ଷା ଅନ୍ୟତମ । ଶିକ୍ଷା ହେଉଛି ଏକ ଜାତିର ଆତ୍ମା ଏବଂ ସମୃଦ୍ଧ ଦେଶ ଗଠନର ସର୍ବଶ୍ରେଷ୍ଠ ଶକ୍ତି, ଦେଶ ବିକାଶର ମେରୁଦଣ୍ଡ ମଧ୍ୟ ! ଯେଉଁ ବୃକ୍ଷର ମୂଳଭାଗ ଯେତେ ମଜଭୁତ ସେ ବୃକ୍ଷ ସେତେ ସୁଦୃଢ, ସେ ଦେଶ ସେତେ ଶକ୍ତିଶାଳୀ ।


ପ୍ରତ୍ୟେକ ଜାତି ଓ ପ୍ରତ୍ୟେକ ନାଗରିକ ତାର ପ୍ରଚଳିତ ଶିକ୍ଷା ବ୍ୟବସ୍ଥାକୁ ନେଇ ଗର୍ବ କରେ । ଶିକ୍ଷା ହେଉଛି ଏକ ଜାତିର ଉତ୍ସ ଏବଂ ଏହାର ପରିଚୟ । ଏହି ବ୍ୟବସ୍ଥାରେ ଯଦି ସୁଧାର ନ ଆସେ ତେବେ ଭବିଷ୍ୟତ ଅନ୍ଧକାରମୟ ଏଥିରେ ସନ୍ଦେହ ନାହିଁ । ସ୍ୱାଧୀନତାର ଦୀର୍ଘ ୭୫ ବର୍ଷ ପରେ ଭିନ୍ନ ଭିନ୍ନ ସମୟରେ ସରକାର ବିଭିନ୍ନ ପ୍ରକାରର ଶିକ୍ଷା କମିଶନ, ଶିକ୍ଷା କମିଟି, ସର୍ବଶିକ୍ଷା ଅଭିଯାନ, ଶିକ୍ଷା ଅଧିକାର ଆଇନ ପ୍ରଣୟନ କରିଥିଲେ ମଧ୍ୟ କୌଣସି ଆଖିଦୃଶିଆ ସଫଳତା ମିଳିନାହିଁ । ଶିକ୍ଷା ବ୍ୟବସ୍ଥାରେ ରାଜ୍ୟ ସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଛି । ସରକାରୀ ଶିକ୍ଷାନୁଷ୍ଠାନର ବିକଳ ତଥା ଉପଯୁକ୍ତ ଭିତ୍ତିଭୂମିର ଅଭାବ କଥା ହେଉ କିମ୍ବା ୧୯୯୧ର ନୂତନ ଅର୍ଥନୈତିକ ନୀତି ଅନୁସାରେ ଉଦାରୀକରଣ, ଜଗତୀକରଣ ଓ ଘରୋଇକରଣ ହେଉ ଶେଷରେ ଶିକ୍ଷା ବ୍ୟବସ୍ଥାରେ ଅନେକ ଗୁଡିଏ ଘରୋଇ ଶିକ୍ଷାନୁଷ୍ଠାନକୁ ସରକାର ଅନୁମୋଦନ ପ୍ରଦାନ କଲେ । ପରିବେଶ ଓ ଉପଯୁକ୍ତ ପରିଚାଳନା ବ୍ୟବସ୍ଥା ମଧ୍ୟରେ ଅନେକ ଗୁଡିଏ ଘରୋଇ ଶିକ୍ଷାନୁଷ୍ଠାନ ଗଢ଼ି ଉଠିଥିଲା । ଘରୋଇ ଶିକ୍ଷାନୁଷ୍ଠାନ ପାଇଁ ସରକାରଙ୍କର କିଛି ନୀତି ନିୟମ ରହୁନାହିଁ । ଏପରିକି କେତେକ ଘରୋଇ କଲେଜ ଏବଂ ବିଶ୍ୱବିଦ୍ୟାଳୟ ପାଇଁ ସରକାର ଆବଶ୍ୟକ ଜମି ଯୋଗାଇ ଦେଉଥିଲେ ମଧ୍ୟ ଶିକ୍ଷାବ୍ୟବସ୍ଥା ଶୋଚନୀୟ ପରିସ୍ଥିତି ଦେଇ ଗତି କରୁଛି । ଅବଶ୍ୟ ଶିକ୍ଷାର ବିକାଶ କ୍ଷେତ୍ରରେ ଓଡିଶା ସରକାରଙ୍କ ପ୍ରଚେଷ୍ଟା ଅବ୍ୟାହତ ରହିଛି ।

ଶିକ୍ଷା ବ୍ୟବସ୍ଥାରେ ଗତ ଆର୍ଥିକ ବର୍ଷ ତୁଳନାରେ ୧୨ ପ୍ରତିଶତ ଅଧିକ ବରାଦ କରାଯାଇଛି । ସମଗ୍ର ଶିକ୍ଷା, ମଧ୍ୟାହ୍ନ ଭୋଜନ, ମୋ ସ୍କୁଲ, ମୋ କଲେଜ, ବେସରକାରୀ ଅନୁଦାନପ୍ରାପ୍ତ କଲେଜ, ଉତ୍କର୍ଷ ବିଦ୍ୟାଳୟରେ ସ୍ମାର୍ଟ କ୍ଲାସରୁମ୍, ଆଦର୍ଶ ବିଦ୍ୟାଳୟ ଓ ଛାତ୍ରବୃତ୍ତି ଆଦି କ୍ଷେତ୍ରରେ ମଧ୍ୟ ପର୍ଯ୍ୟାପ୍ତ ଅର୍ଥ ବିନିଯୋଗ କରିବା ପାଇଁ ମଧ୍ୟ ନିଷ୍ପତ୍ତି ନେଇଛନ୍ତି । ଶିକ୍ଷା କ୍ଷେତ୍ରରେ ରୂପାନ୍ତରୀକରଣ ଗରୀବ ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ ସୂଚନା ଓ ପ୍ରଯୁକ୍ତିବିଦ୍ୟାର ଉପଯୋଗ, ମୋ ସ୍କୁଲ, ମୋ କଲେଜ ଅଭିଯାନ ମାଧ୍ୟମରେ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡିକର ଭିତ୍ତିଭୂମିର ବ୍ୟାପକ ପରିବର୍ତ୍ତନ କରିବା ସହ ଶୈକ୍ଷିକ ପରିବେଶ ସୃଷ୍ଟି କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । କୌଣସି ଏକ ଯୋଜନା ସଫଳ ହେବା ପାଇଁ ଏହାର କାର୍ଯ୍ୟକାରିତା ପୂର୍ବରୁ ସମ୍ଭାବ୍ୟ ସମସ୍ୟା ତଥା ଯୋଜନାଟି କାର୍ଯ୍ୟକାରୀ ହେବା ପରେ ଏହାର ପୂର୍ଣ୍ଣାଙ୍ଗ ରୂପରେଖକୁ ପୁଙ୍ଖାନୁପୁଙ୍ଖ ଭାବରେ ପର୍ଯ୍ୟାଲୋଚନା କରିବା ଉଚିତ । ଯାହାଦ୍ୱାରା ଶିକ୍ଷା କ୍ଷେତ୍ରରେ ବିକାଶ ସମ୍ଭବ ହେବ ।

କିନ୍ତୁ ଦୁଃଖ ଏବଂ ପରିତାପର ବିଷୟ ଯେଉଁଠି ଭାରତୀୟ ସମ୍ବିଧାନ ମାଗଣା ଶିକ୍ଷାର ମୌଳିକ ଅଧିକାର କଥା କହୁଛି ସେଠାରେ ଦେବା ପାଇଁ ପଡୁଛି ଆଶାଠାରୁ ଅନେକ ଅଧିକ । ଯଦି ଏହିଭଳି ପ୍ରକ୍ରିୟା ଚାଲୁରହେ ତେବେ ଅନେକ ମେଧାବୀ ଏବଂ ଗରିବ ଶ୍ରେଣୀର ଛାତ୍ର ଉପଯୁକ୍ତ ଅର୍ଥ ଅଭାବରୁ ଶିକ୍ଷାରୁ ବଞ୍ଚିତ ହେବେ – ଏଥିରେ ସନ୍ଦେହ ନାହିଁ ! ତେଣୁ ଶିକ୍ଷାବ୍ୟବସ୍ଥାକୁ ନିଜର ଲାଭଜନକ ସଂସ୍ଥା ଭାବରେ ବିଚାର ନକରି ଉପଯୁକ୍ତ ଫି’ ମାଧ୍ୟମରେ ଶିକ୍ଷାଦାନ କଲେ ନିଶ୍ଚୟ ଗରିବ ଓ ମେଧାବୀ ଛାତ୍ରଛାତ୍ରୀମାନେ ଉପକୃତ ହୋଇପାରିବେ । ଏଣୁ ସରକାର ଶିକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ପ୍ରଦାନ କରି ଗୁଣାତ୍ମକ ଶିକ୍ଷାର ବିକାଶ କରିବାକୁ ହେବ କାହିଁକିନା ଗୁଣାତ୍ମକ ଶିକ୍ଷା ଆଜିର ଆହ୍ୱାନ ।

# ଈଶ୍ୱରଙ୍କ ଧ୍ୱନି

## ମହାତ୍ମା ଗାନ୍ଧୀ



ମୋ’ ଲାଗି ଈଶ୍ୱରଙ୍କ ଧ୍ୱନି, ବିବେକର, ସତ୍ୟର, ଅନ୍ତରସ୍ଥ ବାଣୀର ଅଥବା ସେହି ସ୍ଥିର କ୍ଷୁଦ୍ର କଥାଟିର ଆବାଜ - ଏହିଗୁଡ଼ିକର ଅର୍ଥ ଗୋଟିଏ । ମୁଁ କୌଣସି ଆକାର କେବେ ଦେଖିନାହିଁ । ଦେଖିବାକୁ କେବେ ଚେଷ୍ଟା କରିନାହିଁ, କାରଣ ଭଗବାନଙ୍କର କୌଣସି ଆକାର ନାହିଁ ବୋଲି ମୁଁ ସର୍ବଦା ବିଶ୍ୱାସ କରିଆସିଛି । ମାତ୍ର, ମୁଁ ଯାହା ପ୍ରକୃତରେ ଶୁଣୁଥିଲି, ତାହା ହେଉଛି ଏକ ଆବାଜ, ଯାହାକି ଅନେକ ଦୂରରୁ ଆସୁଥିଲା ଅଥଚ ଅତ୍ୟନ୍ତ ନିକଟ ହୋଇ ରହିଥିଲା । ଭୁଲ ଅନୁମାନର କୌଣସି ଅବକାଶ ହିଁ ନ ଥିଲା, କାରଣ ସତେ ଯେପରି ଜଣେ ମନୁଷ୍ୟର ସ୍ୱର ଅତ୍ୟନ୍ତ ସ୍ପଷ୍ଟ ଭାବରେ ମୋତେ କ’ଣ କହିବାରେ ଲାଗିଥିଲା ଏବଂ ତାହାକୁ ନଶୁଣିବାର କୌଣସି ଚାରା ହିଁ ନ ଥିଲା । ଯେତେବେଳେ ଆବାଜଟିକୁ ଶୁଣିଲି, ସେତେବେଳେ ମୁଁ ଆଦୌ ସ୍ୱପ୍ନ ଦେଖୁ ନ ଥିଲି । ଆବାଜଟି ଶୁଣିବାପୂର୍ବରୁ ମୋ’ ଭିତରେ ଏକ ଭୟଙ୍କର ସଂଘର୍ଷ ଲାଗିଥିଲା । ସେତିକିବେଳେ ମୁଁ ହଠାତ୍ ଆବାଜଟିକୁ ଶୁଣିପାରଲି । ମୁଁ ଶୁଣିଲି, ଏହା ସେହି ଆବାଜ ବୋଲି ନିଶ୍ଚିତ ହେଲି ଏବଂ ସଂଘର୍ଷ ବନ୍ଦ ହୋଇଗଲା । ମୁଁ ସ୍ଥିର ହୋଇଗଲି, ସେହି ଅନୁସାରେ ସଂକଳ୍ପଟି କଲି, ମୋ’ ଉପବାସର ତାରିଖ ଏବଂ ସମୟ ନିର୍ଦ୍ଧାରିତ ହେଲା । ମୁଁ ଶୁଣିଥିବା ଆବାଜଟି ପ୍ରକୃତରେ ଯେ ତାଙ୍କରି ଠାରୁ ଆସିଲା ଏବଂ ତାହା ଯେ ଆଦୌ ମୋ’ର ଉତ୍ତେଜିତ କଳ୍ପନାର ପ୍ରତିଧ୍ୱନି ନ ଥିଲା, ସେଥିପାଇଁ ମୋତେ ଆହୁରି କୌଣସି ପ୍ରମାଣ ଦେବାକୁ ପଡ଼ିବ କି ? ସଂଶୟବାଦୀର ସଂଶୟ ଦୂର କରିବା ପାଇଁ ମୋ’ ପାଖରେ ଆଉ ଅଧିକ କୌଣସି ପ୍ରମାଣ ନାହିଁ । ଏହାକୁ ସେ କେବଳ ଏକ ଆତ୍ମବିଭ୍ରମ ଅଥବା ମୋହର ଅବସ୍ଥା ବୋଲି ଅବଶ୍ୟ କହି ପାରିବ । ହୁଏତ ତାହା ପ୍ରକୃତରେ ତାହାହିଁ ଥିଲା । ସେଥିପାଇଁ ମୁଁ କୌଣସି ପ୍ରତିପ୍ରମାଣ ଆଦୌ ଦେଇପାରିବି ନାହିଁ । ମାତ୍ର ମୁଁ କେବଳ ଏତିକି କହିପାରିବି ଯେ, ମୋ’ ବିରୁଦ୍ଧରେ ସମଗ୍ର ସଂସାର ଏକସ୍ୱର ହୋଇ ରାୟ ଦେବାକୁ ଆସିଲେ ମଧ୍ୟ, ମୁଁ ଯାହା ଶୁଣିଲି, ତାହା ଯେ ପ୍ରକୃତରେ ଈଶ୍ୱରଙ୍କର ଆବାଜ ଥିଲା, ତାହା ମୋତେ ମୋ’ର ସେହି ବିଶ୍ୱାସରୁ କଦାପି ବିଚଳିତ କରି ପାରିବନାହିଁ ।

ମାତ୍ର ଅନେକ ଲୋକ ଭାବନ୍ତି ଯେ ଭଗବାନ ହେଉଛନ୍ତି ଆମ ନିଜ କଳ୍ପନାର କେବଳ ଏକ ସର୍ଜନା ମାତ୍ର । ଯଦି ତାହା ସତ୍ୟ ହୋଇଥାଏ, ତେବେ ତ ଆଉ କୌଣସି କିଛିକୁ ପ୍ରକୃତ ବୋଲି ଆଦୌ କହି ହେବନାହିଁ, ସବୁକିଛିକୁ ହିଁ ଆମ ନିଜ କଳ୍ପନାର ସର୍ଜନା ବୋଲି କୁହାଯିବ । ଏପରି ହୋଇଥିଲେ ମଧ, ମୋ’ର କଳ୍ପନା ମୋ’ ଉପରେ ଅଧିକାର ବିସ୍ତାର କରି ରହିଥିବା ପର୍ଯ୍ୟନ୍ତ ମୁଁ କେବଳ ତାହାରି ନିର୍ଦ୍ଦେଶ ଦ୍ୱାରା ପରିଚାଳିତ ହୋଇ ଯାହାକିଛି କରିପାରିବି । ପ୍ରକୃତରୁ ଆହୁରି ଅଧିକ ପ୍ରକୃତ ବସ୍ତୁଗୁଡ଼ିକୁ ମଧ କେବଳ ଆପେକ୍ଷିକ ଭାବରେ ପ୍ରକୃତ ବୋଲି କୁହାଯିବ । ମୋ’ ପାଇଁ ସେହି ଆବାଜଟି ମୋ’ ଅସ୍ତିତ୍ୱଠାରୁ ମଧ ଅଧିକ ପ୍ରକୃତ ହୋଇ ରହିଥିଲା । ତାହା ମୋତେ କେବେହେଲେ ଧୋକା ଦେଇନାହିଁ, ବା ସେହି କାରଣରୁ ଅନ୍ୟ କାହାକୁ ମଧ ଧୋକା ଦେଇନାହିଁ । ଏବଂ, ପ୍ରତ୍ୟେକ ବ୍ୟକ୍ତି ଯଦି ଇଚ୍ଛା କରିବ, ତେବେ ସେହି ଆବାଜଟିକୁ ଅବଶ୍ୟ ଶୁଣିପାରିବ । ତାହା ପ୍ରତ୍ୟେକ ବ୍ୟକ୍ତି ମଧରେ ରହିଛି । ମାତ୍ର, ଅନ୍ୟ ସକଳ ବସ୍ତୁ ପରି, ସେଥିଲାଗି ପୂର୍ବରୁ ନିର୍ଦ୍ଦିଷ୍ଟ ପ୍ରସ୍ତୁତିର ଆବଶ୍ୟକତା ରହିଛି ।

ଠିକ୍ ହେଉ ବା ଭୁଲ ହେଉ, ମୁଁ ଜାଣିଛି ଯେ ଜଣେ ସତ୍ୟାଗ୍ରହୀ ହିସାବରେ ମୁଁ କଳ୍ପନା କରି ପାରୁଥିବା ପ୍ରତ୍ୟେକ ଆପଦ ଓ ଅସୁବିଧା ସମୟରେ କେବଳ ଈଶ୍ୱରଙ୍କର ସହାୟତା ବ୍ୟତୀତ ମୋ’ର ଅନ୍ୟ କୌଣସି ସମ୍ବଳ ନାହିଁ । ସମସ୍ତେ ଏହିପରି ବିଶ୍ୱାସ କରନ୍ତୁ ବୋଲି ମୁଁ ଇଚ୍ଛା କରିବି ଯେ, ମୋ’ର ଯେଉଁ ସବୁ କାର୍ଯ୍ୟର ଅର୍ଥ ବ୍ୟାଖ୍ୟା କରିହୁଏ ନାହିଁ ବୋଲି ମନେ ହେଉଥାଏ, ସେଗୁଡ଼ିକୁ ମୁଁ ପ୍ରକୃତରେ ଭିତରୁ ନିର୍ଦ୍ଦେଶନା ପାଇ ହିଁ କରିଥାଏ ।

ଏହା ମୋ’ ଉତ୍ତେଜିତ କଳ୍ପନାରୁ ନିଷ୍ପନ୍ନ ହୋଇଥିବା ଏକ ବସ୍ତୁ ବି ହୋଇ ପାରେ । ଯଦି ସେପରି ହୋଇଥାଏ, ତେବେ ମୁଁ ସେହି କଳ୍ପନାକୁ ପ୍ରଶଂସା ହିଁ କରିବି, କାରଣ ବର୍ତ୍ତମାନ ପ୍ରାୟ ପଞ୍ଚାବନ ବର୍ଷରୁ ଅଧିକ କାଳର ଏକ ବହୁ ବୈଚିତ୍ର୍ୟମୟ ଜୀବନରେ ଏହା ମୋ’ର କାର୍ଯ୍ୟରେ ଲାଗିଆସିଛି । ମୋତେ ପନ୍ଦର ବର୍ଷ ହେବା ପୂର୍ବରୁ ହିଁ ମୁଁ ସଚେତନ ଭାବରେ ସେହି ପରମେଶ୍ୱରଙ୍କ ଉପରେ ହିଁ ଆସ୍ଥା ସ୍ଥାପନ କରିବାକୁ ଶିକ୍ଷା କରିସାରିଥିଲି ।

ଯେତେବେଳେ କୌଣସି ଦୁଃଖକୁ ତୁମେ ଦୂର କରି ନ ପାରୁଥିବ, ସେତେବେଳେ ତୁମେ ଉପବାସ କରିବ ବୋଲି ମୋ’ର ଧର୍ମ ମୋତେ ଶିକ୍ଷା ଦେଇଛି । ମୋ’ ଉପବାସଗୁଡ଼ିକ ମୋ ଅସ୍ତିତ୍ୱର ଏକ ଅଂଶସ୍ୱରୂପ । ଉଦାହରଣସ୍ୱରୂପ, ମୋ’ ଆଖିଗୁଡ଼ିକ ନ ଥିଲେ ମୁଁ ଯେପରି ଆଦୌ ଚଳି ପାରୁ ନ ଥାନ୍ତି, ସେହିପରି ଉପବାସଗୁଡ଼ିକ ବ୍ୟତୀତ ମଧ ଆଦୌ ଚଳିପାରିବି ନାହିଁ । ବାହାରର ପୃଥିବୀ ନିମନ୍ତେ ଆଖିଗୁଡ଼ିକ ଯେପରି, ଅନ୍ତରର ପୃଥିବୀ ପାଇଁ ଉପବାସଗୁଡ଼ିକ ମଧ ଠିକ୍ ସେହିପରି ।’ ଏହି ଉପବାସଗୁଡ଼ିକ ସକାଶେ ମୁଁ ସ୍ୱୟଂ ଦାୟୀ ନୁହେଁ । ମୋ’ ନିଜର ଚିତ୍ତବିନୋଦନ ପାଇଁ ମୁଁ ସେଗୁଡ଼ିକୁ କରେନାହିଁ । ବିଖ୍ୟାତ ହେବାର ଲୋଭରେ ମୁଁ ମୋ’ ଶରୀରକୁ କଦାପି କଷ୍ଟ ଦିଅନ୍ତି ନାହିଁ । ଉପବାସ ସମୟରେ ମୁଁ କ୍ଷୁଧାର ଯନ୍ତ୍ରଣା ଏବଂ ଅନ୍ୟାନ୍ୟ ଅସ୍ୱସ୍ତିଗୁଡ଼ିକୁ ଖୁସୀ ହୋଇ ସହ୍ୟ କରୁଥିଲେ ମଧ କେହି ଯେପରି କଳ୍ପନା ନ କରନ୍ତି ଯେ ମୁଁ କୌଣସି କଷ୍ଟ ଅନୁଭବ କରେନାହିଁ । ଏହି ଉପବାସଗୁଡ଼ିକ ଏକ ଉଚ୍ଚତର ଶକ୍ତି ଦ୍ୱାରା ମୋ ଉପରେ ଆସି ଲଦାହୋଇଛି ଏବଂ ତଜନିତ ଦୁଃଖକୁ ସହ୍ୟ କରିବାର ସାମର୍ଥ୍ୟ ମଧ ସେହି ଶକ୍ତିଠାରୁ ପ୍ରାପ୍ତ ହେଉଛି ବୋଲି ମୋ’ ଉପବାସଗୁଡ଼ିକ ମୋ’ ଲାଗି ସହନୀୟ ହୋଇଥାଏ । ଆଉ କାହାର ଆଦେଶରେ ମୁଁ ଉପବାସ କରିପାରେନାହିଁ । ଏହି (ଆମରଣ) ଉପବାସଗୁଡ଼ିକୁ କାହାରି ଆଦୌ ହାଲୁକାଭାବରେ ଗ୍ରହଣ କରିବା ଉଚିତ୍ ହେବନାହିଁ । ସେଗୁଡ଼ିକ ହୁଏତ ଅତ୍ୟନ୍ତ ଅବାଞ୍ଛିତ ବି ହୋଇପାରେ । କ୍ରୋଧର ବଶବର୍ତ୍ତୀ ହୋଇ ଏହି ଅନଶନ କରାଯାଇ ପାରିବନାହିଁ । କ୍ରୋଧ ହେଉଛି ଏକ କ୍ଷଣିକ ପାଗଳାମି । ତେଣୁ, ଯେତେବେଳେ ମୋ’ ଭିତରେ ଥିବା ସେହି ସ୍ଥିର କ୍ଷୁଦ୍ର ଆବାଜଟି ମୋତେ ଅନଶନ କରିବାପାଇଁ ନିର୍ଦ୍ଦେଶ ଦେବ, କେବଳ ସେତିକିବେଳେ ହିଁ ମୁଁ ଅନଶନ କରିପାରିବି ।

ଏକ ପ୍ରକୃତ ଉପବାସ ଶରୀର, ମନ ଏବଂ ଆତ୍ମାକୁ ଆର୍ବଜନାରୁ ମୁକ୍ତ କରେ । ଏହା ଶରୀରକୁ ଦମନ କରେ ଏବଂ ସେହି ଅନୁପାତରେ ଆତ୍ମାର ମୁକ୍ତିବିଧାନ କରେ । ଏକ ଆନ୍ତରିକତାଯୁକ୍ତ ପ୍ରାର୍ଥନା ଅଲୌକିକ ସାଧନମାନ କରିପାରେ । ପ୍ରାର୍ଥନା ହେଉଛି ତଥାପି ଆହୁରି ଅଧିକ ଶୁଦ୍ଧତା ନିମନ୍ତେ ଆତ୍ମାର ତୀବ୍ର ଅଭିଳାଷ । ଏହିପରିଭାବରେ ଉପଲବ୍ଧ ହେଉଥିବା ଶୁଦ୍ଧତାକୁ ଯେତେବେଳେ ଏକ ଉଚ୍ଚତର ଉଦ୍ଦେଶ୍ୟ ଲାଗି ପ୍ରୟୋଗ କରାଯାଇ ପାରିବ, ସେତେବେଳେ ତାହାହିଁ ଏକ ପ୍ରାର୍ଥନାରେ ପରିଣତ ହୋଇଯିବ ।

ମୁଁ ଭାବୁଛି, ଉପବାସ ବ୍ୟତୀତ ପ୍ରାର୍ଥନା ସମ୍ଭବ ନୁହେଁ ଏବଂ ପ୍ରାର୍ଥନା ବ୍ୟତୀତ ମଧ କୌଣସି ଯଥାର୍ଥ ଉପବାସ ଆଦୌ ସମ୍ଭବ ନୁହେଁ ।

ଏକ ପୂର୍ଣ୍ଣ ଉପବାସ ହେଉଛି ଆପଣା ଅହଂବୋଧର ଏକ ସମ୍ପୂର୍ଣ୍ଣ ଏବଂ ଯଥାର୍ଥ ତ୍ୟାଗ । ଏହାହିଁ ସର୍ବୋତ୍ତମ ପ୍ରାର୍ଥନା । ଆପଣ ମୋ’ର ଜୀବନକୁ ଗ୍ରହଣ କରନ୍ତୁ ଓ ତାହା ସର୍ବଦା କେବଳ ଆପଣଙ୍କ ଲାଗି ହିଁ ଉଦ୍ଦିଷ୍ଟ ହୋଇ ରହୁ । ଏହା କେବଳ ମୁହଁର ଭାଷା ନୁହେଁ, ବା ଏକ ଅଳଙ୍କାରଯୁକ୍ତ କଥା ନୁହେଁ । ସେପରି ହେବା ମଧ ଉଚିତ ନୁହେଁ । କୌଣସି କାର୍ପଣ୍ୟ ଆଦୌ ନକରି ଆପଣାକୁ କୌଣସି ଚିନ୍ତା ନରଖି ଆନନ୍ଦର ସହିତ ଦେଇଦେବା ତାହାହିଁ ପ୍ରାର୍ଥନା । ଖାଦ୍ୟ ଓ ଜଳଗ୍ରହଣରୁ ନିବୃତ୍ତ ରହିବା ହେଉଛି ପ୍ରକୃତ ସମର୍ପଣର ଆରମ୍ଭ ମାତ୍ର, ଏହାର କ୍ଷୁଦ୍ରତମ ଅଂଶ ମାତ୍ର ।

# ସୁରଦୁର୍ଲଭ ଜୀବନର ଅମୂଲ୍ୟ ସୌଭାଗ୍ୟ - ଅଧ୍ୟାତ୍ମ

ଅଧ୍ୟାତ୍ମ ବିନା ମାନବ ଜୀବନ ଅସଂପୂର୍ଣ୍ଣ । ସମସ୍ତ ସାଂସାରିକ ଉପଲବ୍ଧି, ଧନ, ଐଶ୍ୱର୍ଯ୍ୟ ଓ ସୁଖ ଭୋଗର ସାଧନ ମଧ ଅନ୍ତରାତ୍ମାର ପିପାସାକୁ ଶାନ୍ତ କରି ପାରିବ ନାହିଁ । ସବୁ କିଛି ଭୌତିକ ଥିଲେ ମଧ ବିନା ଆଧାତ୍ମରେ ମାନବ ଜୀବନର ଅପୂର୍ବ ତାର ବ୍ୟାକୁଳତା ଲାଗି ରହିଥାଏ । ଜୀବନକୁ ସମଗ୍ରତାରେ ବଞ୍ଚିବା ପାଇଁ ଏଥିରେ କୌଣସି ରୂପେ ଅଧ୍ୟାତ୍ମ ସମାବେଶ କରିବାକୁ ପଡ଼ିଥାଏ ।

ଏହାର ପ୍ରଥମ ଘଟକ ହେଉଛି ସୁସ୍ଥ ଶରୀର, ଯାହା ଉପରେ ମାନସିକ ସ୍ୱାସ୍ଥ୍ୟ ନିର୍ଭର କରିଥାଏ ତଥା ଏହା ପ୍ରକାରାନ୍ତରରେ ଅଧ୍ୟାତ୍ମ ସାଧନାର ସବଳ ଆଧାର ହୋଇଥାଏ । ଏଣୁ ଶରୀରକୁ ଯଥାସମ୍ଭବ ସୁସ୍ଥ ଓ ନୀରୋଗ ରଖୁବା ଆମର ପ୍ରଥମ କର୍ତ୍ତବ୍ୟ । ଏଥିପାଇଁ ଆହାର ସହିତ ସମ୍ବନ୍ଧିତ ମୌଳିକ ନିୟମ ଗୁଡ଼ିକର ପାଳନ କରିବାକୁ ପଡ଼ିଥାଏ ।

ଆହାର ଯଥାସମ୍ଭବ ସାତ୍ତ୍ୱିକ ଓ ପୌଷ୍ଟିକ ତଥା ନିଜର ପ୍ରକୃତି ଅନୁରୂପ ରଖୁବା ଉଚିତ । ଏହା ସହିତ ଉପଯୁକ୍ତ ବିଶ୍ରାମ-ନିଦ, ବ୍ୟାୟାମ ଓ ଶ୍ରମର ଅନୁପାନ ସୁସ୍ଥ ଶରୀରର ବଳିଷ୍ଠ ଆଧାର ସାବ୍ୟସ୍ତ ହୋଇଥାଏ ।

ଶରୀର ସହିତ ଇନ୍ଦ୍ରିୟଗୁଡ଼ିକର ନିଗ୍ରହ ଦ୍ୱିତୀୟ କାର୍ଯ୍ୟ । ଶାରୀରିକ ସ୍ୱାସ୍ଥ୍ୟ ଓ ମନ ନିଗ୍ରହର ସିଧା ସମ୍ବନ୍ଧ ଇନ୍ଦ୍ରିୟଗୁଡ଼ିକ ସହିତ ଯୋଡ଼ି ହୋଇଛି । ଆହାରରେ ସ୍ୱାଦେନ୍ଦ୍ରିୟ ମୁଖ୍ୟ ଭୂମିକା ନିର୍ବାହ କରେ । ସ୍ୱାଦ ସଂଯମରେ ଅବହେଳା କଲେ ଏହାର ପରିଣାମ ନାନା ପ୍ରକାର ରୋଗ, ଦୁର୍ବଳତା ଓ ଦୁଃଖ-କଷ୍ଟ ରୂପେ ସହିବାକୁ ପଡ଼ିଥାଏ । ଏହିପରି ଅନ୍ୟ ଇନ୍ଦ୍ରିୟଗୁଡ଼ିକ ପ୍ରତି ଜାଗରୂକତା ଆବଶ୍ୟକ । ସ୍ୱାଦ ସହିତ ଦୃଷ୍ଟି ଓ ଜନନେନ୍ଦ୍ରିୟ ପ୍ରମୁଖ । ଏହି ଇନ୍ଦ୍ରିୟଗୁଡ଼ିକ ଦ୍ୱାରା ଗ୍ରହଣ କରାଯାଉଥିବା ସଂବେଦନ ଜୀବନର ଉ ାନ ଓ ପତନର ଭୂମିକା ନିର୍ଦ୍ଧାରଣ କରିଥାଏ ।

ଏଣୁ ଇନ୍ଦ୍ରିୟଗୁଡ଼ିକ ଦ୍ୱାରା ସଂବେଦନକୁ ଗ୍ରହଣ କରିବା ସମୟରେ ଜଣେ ସାଧକକୁ ଜାଗରୂକତା ଓ ଆତ୍ମନିଷ୍ଠାର ସହିତ ଜୀବନର ପ୍ରଲୋଭନ ଗୁଡ଼ିକର ସାମନା କରିବାକୁ ପଡ଼ିଥାଏ, କାରଣ ଏ ସନ୍ଦର୍ଭରେ ସାମାନ୍ୟ ଅବହେଳା କଲେ ପରିଣାମ ଗମ୍ଭୀର ହୋଇପାରେ ଏବଂ ଜୀବନରେ କୌଣସି ବଡ଼ ଦୁର୍ଘଟଣାର କାରଣ ହୋଇପାରେ । ଆଧାତ୍ମିକ ବିକାଶରେ ଭାବନାତ୍ମକ ସନ୍ତୁଳନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ ।

ଅବଶିଷ୍ଟାଂଶ ୫ମ ପୃଷ୍ଠାରେ


# ସ୍ୱର୍ବେଦ

**ପନ୍ଥ ବିନା ପାଓ୍ୱନ ଚଲେ,**
**ବସତ ଓ୍ୱିଦେହୀ ଦେଶ ।**
**ହଁସ ରୂପ ମୋତୀ ଚୁଁଗେ, ଦୁର୍ଲଭ**
**ସଦ୍‌ଗୁରୁ ଦେଶ ॥୨୬॥**

ଭାଷ୍ୟ - ପ୍ରାକୃତିକ ମାର୍ଗ ବିନା ଜ୍ଞାନ ଦ୍ୱାରା ସୁରତି ନିଜ ଲକ୍ଷ୍ୟକୁ ପ୍ରାକୃତିକ ସାଧନଶୂନ୍ୟ ହୋଇଚାଲେ ଆଉ ପ୍ରାକୃତିକ ବିଦେହ ଆତ୍ମା ସେହି ପ୍ରଦେଶରେ ନିବାସ କରେ ତଥା ଶୁଦ୍ଧ ରୂପରେ ଶବ୍ଦାମୃତ ରୂପୀ ମୋତି ଅର୍ଥାତ୍ ପରମାନନ୍ଦର ଉପଭୋଗ କରିଥାଏ । ଏହା ବହୁ କଷ୍ଟରେ ସଦ୍‌ଗୁରୁଙ୍କର ଧାମକୁ ପ୍ରାପ୍ତ ହୁଏ । ପ୍ରକୃତି ମଣ୍ଡଳରେ ଅନେକ ପଥ ରହିଛି । ସେଥିପାଇଁ ଏହି ଦୋହାରେ ବିନା ପଥରେ ଚାଲିବା ବିଷୟରେ କୁହାଯାଇଛି । ଆତ୍ମା ଶୁଦ୍ଧ ସ୍ୱରୂପରେ ପରମାନନ୍ଦ ରୂପୀ ମୋତିକୁ ଚୟନ କରିଥାଏ, ପ୍ରାକୃତିକ ଦେହରେ ନୁହେଁ, ସେଥିପାଇଁ ଆତ୍ମାକୁ ବିଦେହୀ ବୋଲି କୁହାଯାଇଛି । ବିଦେହୀ ଆତ୍ମା ହିଁ ଶୁଦ୍ଧ ସ୍ୱରୂପରେ ମନମୁଗ୍ଧକର ପରମାନନ୍ଦକୁ ଉପଭୋଗ କରିଥାଏ ।

**ଅଗମ ଅଗୋଚର ପନ୍ଥ ହୈ,**
**ଧୀର ଓ୍ୱୀର ବନ ଜାୟ ।**
**କାୟର ନୀଚ ନ ଜାଓ୍ୱହୀଁ, ଜନମ**
**ମରଣ ଦୁଖ ପାୟ ॥୨୭॥**

ଭାଷ୍ୟ - ପ୍ରକୃତି, ମନ, ବୁଦ୍ଧି ଏବଂ ବାଣୀର ଉପରେ ପ୍ରଭୁପ୍ରାପ୍ତିର




ସତ୍‌ମାର୍ଗ ରହିଛି । ପୂର୍ଣ ଧୈର୍ଯ୍ୟବାନ୍ ପରାକ୍ରମୀ ହୋଇ ସେହି ବାଟରେ କେହି କେହି ଯାଇଥାନ୍ତି । ଅଳସୁଆ, ବିଷୟାଗ୍ରସ୍ତ ଜନ ସେଠାକୁ ଯାଆନ୍ତି ନାହିଁ । ସେମାନେ ସଂସାରର ବିଷୟ ଆଉ ଭୋଗ ପ୍ରଲୋଭନରେ ପଡ଼ି ଜନ୍ମ ମରଣ ଦୁଃଖକୁ ପ୍ରାପ୍ତ ହୋଇଥାନ୍ତି ।

**କବ ଜାଓ୍ୱୋଁ କବ ପହୁଚିହାଁ, କବ**
**ଅନୁଭଓ୍ୱ ଦରଶାୟ ।**
**ଶ୍ରଦ୍ଧା ଉତକଟ ପ୍ରେମ ହୈ,**
**ଚଢ଼ତ ନିରନ୍ତର ଜାୟ ॥୨୮॥**

ଭାଷ୍ୟ - କେବେ ଯିବି, କେବେ ପହଞ୍ଚିବି ଏବଂ କେବେ ଦର୍ଶନ ଅବା ସାକ୍ଷାତ୍‌କାର ହେବ ? ଏହାକୁ ଉତ୍କଟ ଶ୍ରଦ୍ଧା ଆଉ ପ୍ରେମ କହନ୍ତି । ଏହି ପ୍ରକାର ଅନୁରାଗୀ ଶ୍ରଦ୍ଧାଳୁ ଭକ୍ତ ଗୁରୁମାର୍ଗ ଦ୍ୱାରା ନିରନ୍ତର ନିଜ ଲକ୍ଷ୍ୟକୁ ପାଇବା ନିମନ୍ତେ ଅଗ୍ରସର ହୁଅନ୍ତି ।

**ଚଲତ ଚଲତ ସବହୀ କହେ,**
**ପହୁଁଚେ ଓ୍ୱିରଲା କୋୟ ।**
**ଡୋରୀ ଲାଗୀ ପୁରୁଷ କୀ, ତନ**
**ମନ ତ୍ୟାଗ ସମୋୟ ॥୨୯॥**

ଭାଷ୍ୟ - ମୁଁ ଗୁରୁଭେଦ ସାଧନ ଦ୍ୱାରା ଚାଲୁଛି - ଏପରି ସମସ୍ତ ସାଧକ କହିଥାନ୍ତି । ମାତ୍ର କୌଣସି ଜଣେ ଗୁରୁର ଅନନ୍ୟ ଶରଣଦାସ ହିଁ ସେହି ଭୂମିରେ ପହଞ୍ଚିଥାନ୍ତି । ମାୟାର ଜାଲ ଏବଂ ବିଷୟ ରନର ପ୍ରବୃତ୍ତି ତଥା ମାନ ଆଉ ପ୍ରତିଷ୍ଠା ଭ୍ରମରେ ନ ପଡ଼ି ଅନଧିକାରୀ ଜନ ପତିତ ହୁଅନ୍ତି । ସେମାନେ ବାହ୍ୟ ଭେଷକୁ ଧାରଣ କରି ମନମୁଖୀ ହୋଇ ସଂସାର ଚକ୍ରରେ ବୁଡ଼ ପକାଇଥାନ୍ତି, ସେମାନଙ୍କର ଜୀବନ ଶୁଦ୍ଧ ରୂପରେ ନ ହେବା କାରଣରୁ ସେମାନଙ୍କୁ ଆଧ୍ୟାତ୍ମିକତାର କିଂଚିତ ଲାଭ ସୁଦ୍ଧା ହୋଇ ନ ଥାଏ । ସେଥିପାଇଁ ସଚ୍ଚୋଟ ସଦ୍‌ଗୁରୁ ଭକ୍ତ ମନ ଏବଂ ଶରୀରର ଅଭିମାନକୁ ପରିତ୍ୟାଗ କରି ସତ୍‌ପରୁଷଙ୍କର ପ୍ରେମ ରଜ୍ଜୁ ଦ୍ୱାରା ଅବିଚଳ ସମାଧି ମଣ୍ଡଳରେ ପ୍ରବେଶ କରିଯାଆନ୍ତି ।

**ଆଗେ ପିଛେ ଦେଖତେ, ଟାଲା**
**ଟୁଲୀ ଜାୟ ।**
**ଅଭିମାନୀ ଗୁରୁ ଓ୍ୱିମୁଖ ହୈ, ସୋ**
**କଓ୍ୱନେ ଓ୍ୱିଧି ଜାୟ ॥୩୦॥**

ଭାଷ୍ୟ - ଆଗ ପଛ ହୋଇ ସମସ୍ତ ସଦ୍‌ଗୁରୁ ଚରଣାଶ୍ରୀତ ଭକ୍ତଜନ ନିଜ ପଥରେ ଅଗ୍ରସର ହୋଇ ଚାଲିଲେ ଓ ପହଞ୍ଚି ଗଲେ । ସଦ୍‌ଗୁରୁ ଶରଣରେ ରହିଥିବା ଭକ୍ତ ଶିଷ୍ୟ ଅବଶ୍ୟ ନିଜ ଲକ୍ଷ୍ୟକୁ ପ୍ରାପ୍ତ କରିନିଅନ୍ତି । ମାତ୍ର ମାନ, ପ୍ରତିଷ୍ଠା, ଧନ ଆଉ ବିଷୟାଦିରେ ଇଚ୍ଛୁକ, ଅଭିମାନୀଜନ ଯେଉଁମାନେ ଗୁରୁବିମୁଖୀ ହୋଇଯାଇଛନ୍ତି ସେମାନେ କେଉଁ ପ୍ରକାରେ ନିଜ ଲକ୍ଷ୍ୟକୁ ପ୍ରାପ୍ତ ହେବେ ? ସଦ୍‌ଗୁରୁ ବିମୁଖୀ, ମନମୁଖୀ ଆଉ ଅଭିମାନୀ ଜୀବର କେବେହେଲେ କଲ୍ୟାଣ ହୋଇ ନ ଥାଏ । ସେମାନେ ସଂସାରର ମାନ, ପ୍ରତିଷ୍ଠା ଆଉ ବିଷୟା ରାଗରେ ବାନ୍ଧିହୋଇ ଚୌରାଶୀ ଲକ୍ଷ ଯୋନିରେ ଭ୍ରମଣ କରି ଅଧୋଗତିକୁ ପ୍ରାପ୍ତ ହୋଇଥାନ୍ତି ।

**ତୀକ୍ଷଣ ମାରଗ ଜ୍ଞାନ କା, ସୁରତି**
**ନିରତି ପୈଠାର ।**
**ହଁସ ଦଶା ମେଁ ସହଲ ହୈ,**
**ସୁଗମ ସୁବୋଧ ଓ୍ୱିଚାର ॥୩୧॥**

ଭାଷ୍ୟ - ସଦ୍‌ଗୁରୁଙ୍କର ଜ୍ଞାନମାର୍ଗ ଅତ୍ୟନ୍ତ ତୀକ୍ଷ୍ଣ ଅର୍ଥାତ୍ ସୂକ୍ଷ୍ମ ଅଟେ । ଆତ୍ମା ଶୁଦ୍ଧସ୍ୱରୂପରେ ଆସି ପୂର୍ଣ୍ଣଜ୍ଞାନ ଆଉ ଆଭ୍ୟନ୍ତର ବୋଧ ଦ୍ୱାରା ସୁରତି-ନିରତି ବଳରେ ସେହି ପରମାନନ୍ଦରେ ପ୍ରବେଶ କରିଥାଏ ।

# ସୁରଦୁର୍ଲଭ ଜୀବନର ଅମୂଲ୍ୟ... (ଚତୁର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

ଏ ସନ୍ଦର୍ଭରେ ନିଜର ବାଣୀ ଓ ବ୍ୟବହାରକୁ ଅନୁଶାସିତ ଓ ସନ୍ତୁଳିତ ରଖିବାକୁ ହୋଇଥାଏ । ଅନ୍ୟମାନଙ୍କ ପାଇଁ କଲ୍ୟାଣକାରୀ ହେବା ସାଙ୍ଗକୁ ସ୍ୱୟଂକୁ ବି ଶାନ୍ତି ପ୍ରଦାନ କରିବା ଭଳି ବାଣୀ କହିବା ଦରକାର । ଭୁଲରେ ସୁଦ୍ଧା କଟୁ ବଚନ ବା ଅପଶବ୍ଦ କହିବା ଅନୁଚିତ । ଯଦି ଜ୍ଞାତ-ଅଜ୍ଞାତରେ ନିଜର ବାଣୀ ଦ୍ୱାରା କାହାର ଭାବନା ଆହତ ହୋଇଥାଏ, ତ ତାଙ୍କ ଠାରୁ କ୍ଷମା ମାଗିବା ଆବଶ୍ୟକ ।

ବାଚାଳତା ଠାରୁ ଦୂରେଇ ରହନ୍ତୁ, ଯାହା ବି କହିବେ ବୁଝି-ବିଚାରି କହନ୍ତୁ ତଥା ନିଜର ବ୍ୟବହାରକୁ ଗରିମାପୂର୍ଣ୍ଣ ଓ ସନ୍ତୁଳିତ ରଖନ୍ତୁ । ଜୀବନର ସମସ୍ତ ଦ୍ୱନ୍ଦ ମଧ୍ୟରେ ଏହି ପ୍ରୟାସ ଭାବନାତ୍ମକ ତପର ରୂପ ନେଇଥାଏ । ସମୟ ବିତିଯାଏ, କିନ୍ତୁ କୁହାଯାଇଥିବା ମଧୁର ଶବ୍ଦ, ଅନ୍ୟମାନଙ୍କ ପ୍ରତି କରାଯାଇଥିବା ଆତ୍ମୀୟ ବ୍ୟବହାର ତଥା ନିଜର ସଦ୍‌ଗୁଣ ଗୁଡ଼ିକର ସଂବର୍ଦ୍ଧନ ସକାଶେ କରାଯାଇଥିବା ପୁରୁଷାର୍ଥ ଦୀର୍ଘ କାଳ ଧରି ଆନ୍ତରିକ ଶାନ୍ତି, ଉତ୍ତମ ସମ୍ବନ୍ଧ ଏବଂ ଆର୍ଥିକ ବିକାଶ ରୂପେ ଫଳିତ ହୋଇଥାଏ । ନିଜର କାର୍ଯ୍ୟକ୍ଷେତ୍ରରେ କର୍ତ୍ତବ୍ୟନିଷ୍ଠା ଅଧ୍ୟାତ୍ମ ପଥର ଆଉ ଏକ ପ୍ରମୁଖ ତତ୍ତ୍ୱ । ନିଜ ପରିବାର ସହିତ ନିଜର କାର୍ଯ୍ୟକ୍ଷେତ୍ର ଏବଂ ସମାଜ ସହିତ ଜଡ଼ିତ ଦାୟିତ୍ୱଗୁଡ଼ିକ ପ୍ରତି କର୍ତ୍ତବ୍ୟପାଳନରେ କୌଣସି ପ୍ରକାର ପ୍ରମାଦ ନ କରନ୍ତୁ ।

ଏହି କର୍ତ୍ତବ୍ୟପରାୟଣତାକୁ ହିଁ ବ୍ୟାପକ ଅର୍ଥରେ ଧର୍ମଧାରଣାର ସଂଜ୍ଞା ଦିଆଯାଏ । କର୍ତ୍ତବ୍ୟପାଳନ କରୁ କରୁ ବ୍ୟକ୍ତିର ନୈତିକ ବିକାଶ ହୋଇଥାଏ, ପ୍ରତିଭାର ସଂବର୍ଦ୍ଧନ ହୋଇଥାଏ, ନିଜ କାର୍ଯ୍ୟ କ୍ଷେତ୍ରରେ ବିଶେଷଜ୍ଞତା ସ୍ତରର ଯୋଗ୍ୟତାର ବିକାଶ ହୋଇଥାଏ ତଥା ନିଜ ସ୍ୱଧର୍ମ ପାଳନର ସନ୍ତୋଷ ଜୀବନରେ ସଚ୍ଚା ସଫଳତାର ସହିତ ସାର୍ଥକତାର ଅନୁଭୂତି ଦେଇଥାଏ, ଯାହା ସ୍ୱୟଂ ଜୀବନର ବଡ଼ ଉପଲବ୍ଧି ହୋଇଥାଏ । କର୍ତ୍ତବ୍ୟର ସମ୍ୟକ୍ ପାଳନ ବିନା ଅଧ୍ୟାତ୍ମର ଉଚ୍ଚତର କକ୍ଷରେ ପ୍ରବେଶ କଥା ଚିନ୍ତା କରାଯାଇ ନ ପାରେ ।

ଆସ୍ତିକତା ଅଧ୍ୟାତ୍ମ ପଥର ଏକ ମୁଖ୍ୟ ଘଟକ । ଅସ୍ତିତ୍ୱର ଆଧ୍ୟାତ୍ମିକ ସତ୍ୟ ପ୍ରତି ଆସ୍ଥାରେ ବ୍ୟକ୍ତି ନିଜର ରୁଚି ଓ ସ୍ୱଭାବ ଅନୁକୂଳ ଇଷ୍ଟଙ୍କ ନିର୍ଦ୍ଧାରଣ କରିଥାଏ । ଅଭୀପ୍‌ସାର କଷଟିରେ କଷିବା ଦ୍ୱାରା ଗୁରୁଙ୍କ ମାର୍ଗଦର୍ଶନ ବି ଉଚିତ ସମୟରେ ଉପଲବ୍ଧ ହୋଇଯାଏ । ଆସ୍ତିକତାର ଭାବ ପରିପକ୍ୱ ହେବା ସହିତ ଆତ୍ମିକ ଆସ୍ଥା ମଧ୍ୟ ବଢ଼ିଥାଏ ।

ଏହିପରି ଆତ୍ମଜାଗରଣ ଓ ଆତ୍ମବୋଧ ସହିତ ଅଧ୍ୟାତ୍ମ କ୍ଷେତ୍ରରେ ପ୍ରବେଶ ହୋଇଯାଏ, ଯାହାକୁ ଏହି ଜୀବନର ପ୍ରମୁଖ ଉଦ୍ଦେଶ୍ୟ ଏବଂ ସବୁଠାରୁ ବଡ଼ ଉପଲବ୍ଧି ମନେ କରାଯାଏ । ଏହାର ଅନୁଭୂତିକୁ ନିତ୍ୟ ରୂପେ ଆହୁରି ଗଭୀର କରିବା ପାଇଁ ଉପାସନା ସମୟରେ ଭାବଭରା ଜପ, ଧ୍ୟାନ ଓ ଭକ୍ତି- ଭଜନର ଅବଲମ୍ବନ ନିଆଯାଇପାରେ ଏବଂ ଦିନ ସାରା ସାଧନାମୟ ଜୀବନର ବରଣ କରିବାକୁ ହୋଇଥାଏ ।

ଏସବୁ ସହିତ ସେବା ଜୀବନର ଅଙ୍ଗ ହୋଇଥାଏ, ଯାହା ଆତ୍ମବିକାଶର ଏକ ପ୍ରମୁଖ ଆଧାର । ନିଷ୍କାମ କର୍ମ ସହିତ ଚିତ୍ତଶୁଦ୍ଧିର ପ୍ରୟୋଜନ ସିଦ୍ଧ ହୋଇଥାଏ, ଜ୍ଞାନର ଉଦୟ ହୋଇଥାଏ । ପ୍ରାରମ୍ଭିକ ଅବସ୍ଥାରେ ବ୍ୟାବହାରିକ ଜୀବନରେ ପ୍ରତିଦିନ କୌଣସି ଆଶା-ଅପେକ୍ଷା ବିନା ଗୋଟିଏ କର୍ମ କରି ଏହାର ଅଭ୍ୟାସ କରାଯାଇପାରେ ।

ନିଜର ସମୟ, ଅଂଶ ବା ପ୍ରତିଭାର ଏକ ଅଂଶକୁ ସମାଜର ହିତ ପରମାର୍ଥ କାର୍ଯ୍ୟରେ ନିୟୋଜିତ କଲେ ସେବାର ପ୍ରୟୋଜନ ପୂରଣ ହୋଇଥାଏ । ସମାଜ ରୂପୀ ଈଶ୍ୱରଙ୍କ ବିରାଟ ସ୍ୱରୂପର ଆରାଧନା ସହିତ ବ୍ୟକ୍ତିର ଉପାସନା ଓ ସାଧନାରେ ଗଭୀରତା ଆସିଥାଏ ଏବଂ ସାଧକ ଆତ୍ମିକ ବିକାଶର ନୂତନ ଶିଡ଼ି ଚଢ଼ିଥାଏ ।

ଆଧ୍ୟାତ୍ମିକ ପଥରେ ଶ୍ରେଷ୍ଠ ବିଚାରର ନିଜସ୍ୱ ମହତ୍ତ୍ୱ ରହିଥାଏ, ଯାହା ସାଧକକୁ ସତତ ସନ୍ମାର୍ଗରେ ପ୍ରେରିତ କରିଥାଏ, ସ୍ୱାଧ୍ୟାୟ ଏହାର ଆବଶ୍ୟକତା ପୂରଣ କରିଥାଏ । ଏହା ସହିତ ସତ୍‌ପୁରୁଷ ଓ ସଦ୍‌ଗୁରୁଙ୍କ ସତ୍ସଙ୍ଗ ଆତ୍ମାକୁ ଗହନତମ ସ୍ତରରେ ପୁଷ୍ଟ କରିଥାଏ । ସ୍ୱାଧ୍ୟାୟ-ସଙ୍ଗରୁ ପ୍ରାପ୍ତ ଜ୍ଞାନାମୃତ ଉପରେ ଚିନ୍ତନ-ମନନ କରି ଧ୍ୟାନର ଗଭୀରତାରେ ପ୍ରବେଶ ହୋଇଥାଏ ।

ଏହିପରି ସାଧକର ଚିତ୍ତଭୂମିରେ ଧାରଣ କରାଯାଇଥିବା ଆଧ୍ୟାତ୍ମିକ ବିଚାର ବୀଜ ପ୍ରକାରାନ୍ତରରେ ଜୀବନର ରୂପାନ୍ତରଣର ପଟକଥା ଲେଖୁଥାଏ ଏବଂ ଏକ ଅର୍ଥପୂର୍ଣ୍ଣ ଜୀବନକୁ ସମ୍ଭବ କରିଥାଏ । ଏଥିରେ ଦୀର୍ଘକାଳୀନ ସ୍ୱାଧ୍ୟାୟ ଓ ସତ୍‌ସଙ୍ଗର ନିର୍ଣ୍ଣାୟକ ଭୂମିକା ରହିଥାଏ, ଏହାର ଉପେକ୍ଷା ଜଣେ ନୈଷ୍ଠିକ କୌଣସି ରୂପେ କରି ନ ଥାଏ । ଉପରୋକ୍ତ ସୋପାନଗୁଡ଼ିକ ସହିତ ଅନ୍ତର୍ବାଣୀ ରୂପେ ଈଶ୍ୱର ନିଜର ପ୍ରତିନିଧି ପ୍ରତ୍ୟେକ ମନୁଷ୍ୟର ହୃଦୟ ଗୁମ୍ଫାରେ ସ୍ଥାପନ କରିଛନ୍ତି । ତାଙ୍କ ନିର୍ଦ୍ଦେଶର ସତତ ପାଳନ କରି, ତାଙ୍କ ଅନୁଶାସନରେ ନିଜକୁ କଷି ଆମେ ପରମାତ୍ମାଙ୍କ ବିଧାନକୁ ଧାରଣ କରିଥାଉ ଏବଂ ସତ୍ୟ ସହିତ ଯୋଡ଼ି ହୋଇଥାଉ । ପ୍ରତିଦିନ ଉପରୋକ୍ତ କଷଟିରେ ସ୍ୱୟଂର ମୂଲ୍ୟାଙ୍କନ ତଥା ଏହି ସୂତ୍ରଗୁଡ଼ିକର ଅଭ୍ୟାସ ସାଧକକୁ ଅଧ୍ୟାତ୍ମର ରାଜପଥରେ ଆରୂଢ଼ କରିଥାଏ ଏବଂ ସେତେବେଳେ ଏହି ସୁରଦୁର୍ଲଭ ମାନବ ଜୀବନର ଅମୂଲ୍ୟ ସୌଭାଗ୍ୟ ବୁଝି ହୋଇଥାଏ ।

# ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ ରଖେ ଦହି



ଦହିରେ ଅନେକ ପ୍ରକାର ସ୍ୱାସ୍ଥ୍ୟ ଉପକାରୀ ଗୁଣ ଭରି ରହିଛି । ବିଶେଷଭାବରେ ନିୟମିତ ଦହି ଖାଇଲେ ତାହା ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ ରଖୁଥାଏ । ତା'ସହ ଶରୀରକୁ ଶକ୍ତି ପ୍ରଦାନ କରେ । ଏଥିରେ ଥିବା କ୍ୟାଲସିୟମ୍ ଅସ୍ଥି ଓ ଆଣ୍ଠୁଗଣ୍ଠିକୁ ମଜ୍ବୁତ କରିବାରେ ସାହାଯ୍ୟ କରେ । ଅଷ୍ଟିଓପୋରୋସିସ୍ ଆଶଙ୍କାକୁ କେତେକାଂଶରେ ଦୂର କରିଥାଏ । ଏଥିସହ ଦାନ୍ତକୁ ମଧ୍ୟ ଦୃଢ଼ ରଖେ । ତା' ସହ ଚର୍ମ ଏବଂ କେଶକୁ ବଢ଼ିବାରେ ମଧ୍ୟ ସାହାଯ୍ୟ କରେ । ଏଥିରେ ଥିବା ଲାକ୍‌ଟିକ୍ ଏସିଡ୍ ଯୋଗୁଁ କ୍ଷତ ହୋଇଥିବା ସ୍ଥାନରେ ନୂଆ ଚର୍ମ ମଧ୍ୟ ଆପେ ସୃଷ୍ଟି ହୋଇଯାଏ । ଦହିରେ ଲାକ୍ଟିକ୍ ଏସିଡ୍ ତତ୍ତ୍ୱ ଫଙ୍ଗାଲ ସମସ୍ୟା ଦୂର କରିଥାଏ । ସବୁଠାରୁ ଖାସ୍ କଥା ହେଲା, ପ୍ରତିଦିନ ଖାଦ୍ୟରେ କିଛି ପରିମାଣରେ ଦହି ଖାଇଲେ ତାହା ହଜମ କ୍ରିୟାକୁ ଆହୁରି ସକ୍ରିୟ କରାଇଥାଏ । ଶରୀରରେ କୋଲେଷ୍ଟରଲ୍ ପରିମାଣକୁ ମଧ୍ୟ ସନ୍ତୁଳିତ ରଖେ । ଏହାବ୍ୟତୀତ ଓଜନକୁ ନିୟନ୍ତ୍ରଣରେ ରଖିଥାଏ । ରକ୍ତ ସଞ୍ଚାଳନକୁ ସକ୍ରିୟ ରଖୁଥାଏ ଦହି । ଶରୀରରେ ହରମୋନ୍ ପରିମାଣକୁ ସନ୍ତୁଳିତ ରଖିଥାଏ । ରକ୍ତରେ ଶର୍କରାର ପରିମାଣକୁ ଏହା ସନ୍ତୁଳିତ ରଖେ ଯାହା ହୃଦ୍‌ଜନିତ ଏବଂ ଡାଇବେଟିସ୍ ଭଳି ସମସ୍ୟାରୁ ରକ୍ଷା କରେ ।

## ଟିକିଏ ହସନ୍ତୁ

ଦିନେ ମଣ୍ଟୁ ଚ୍ୟାଲେଞ୍ଜ କଲା ମୁଁ କୁତବ୍‌ମୀନାରକୁ ମୁଣ୍ଡରେ ଉଠେଇ ଦିଲ୍ଲୀରୁ ମୁମ୍ବାଇ ନେଇପାରିବି ।
ଏକଥା ଶୁଣି ସବୁ ଗଣମାଧ୍ୟମ ଆସି ଜମା ହୋଇଗଲେ । ଆଉ ପଚାରିଲେ – ସତରେ କ'ଣ ଆପଣ କୁତବ୍‌ମୀନାରକୁ ମୁଣ୍ଡରେ ଟେକି ନେଇପାରିବେ ?
ମଣ୍ଟୁ- ହଁ, କିନ୍ତୁ ପ୍ରଥମେ କେହି ଜଣେ ତାକୁ ଟେକି ମୋ ମୁଣ୍ଡ ଉପରେ ରଖିବା ଦରକାର ।

× × × ×

ସୋନୁ ସ୍କୁଲରେ କାନ୍ଦୁଥିବା ଦେଖି ଶିକ୍ଷୟିତ୍ରୀ: କାହିଁକି କାନ୍ଦୁଛୁ ?
ସୋନୁ: ମୋ ମାମା' ବାବା ସବୁବେଳେ ଝଗଡା ଲାଗୁଛନ୍ତି ।
ଶିକ୍ଷୟିତ୍ରୀ: ଓଃ ଏଥିପାଇଁ କାନ୍ଦୁଛୁ ?
ସୋନୁ: ନା ।
ଶିକ୍ଷୟିତ୍ରୀ: ତା' ହେଲେ କ'ଣ ପାଇଁ ?
ସୋନୁ: ଝଗଡ଼ା ବେଳେ ମାମା ବାବାଙ୍କୁ ବୁଲା କୁକୁର ଡାକନ୍ତି । ଆଉ ବାବା ମାମାକୁ ଡାକନ୍ତି କାଣ୍ଡେଇ ବିଲେଇ ।
ସେଥପାଇଁ ଜାଣିପାରୁନି ମୁଁ ବିଲେଇ ଛୁଆ ନା କୁକୁର ଛୁଆ ।



× × × ×

ରକ୍ଷୀ: ଚାଲ ଭାଇ ତୋର ଫାଶିର ସମୟ ହୋଇଗଲାଣି ।
କଏଦୀ: କିନ୍ତୁ ମତେ ତ ଫାଶି ୨୦ ଦିନ ପରେ ହେବାର ଥିଲା ।
ରକ୍ଷୀ: ଜେଲର ସାର୍ କହିଛନ୍ତି ତୁ ତାଙ୍କ ଗାଁର ସେଥିପାଇଁ ତୋ କାମ ପ୍ରଥମେ ।

× × × × ×

ବାପା: ତୋ ପେପର୍ ଆଜି କେମିତି ହେଲା ?
ପୁଅ: ପ୍ରଥମ ପ୍ରଶ୍ନ ଦେଖି ପାରିଲିନି । ଦ୍ୱିତୀୟ ପ୍ରଶ୍ନ ଆସୁ ନ ଥିଲା । ଚତୁର୍ଥ ପ୍ରଶ୍ନର ଉତ୍ତର କରିବାକୁ ଭୁଲି ଗଲି ।
ବାପା: ଆଉ ପଞ୍ଚମ ପ୍ରଶ୍ନ ?
ପୁଅ: ବାସ୍ ସେଇ ପ୍ରଶ୍ନର ଉତ୍ତର ଭୁଲ ହେଇଗଲା ।

× × × × ×

ସ୍ତ୍ରୀ: ତୁମେ ଲଞ୍ଚ କରିଛ ?
ସ୍ୱାମୀ: ତୁମେ ଲଞ୍ଚ କରିଛ ?
ସ୍ତ୍ରୀ: ମୁଁ ତୁମକୁ ପଚାରୁଛି ?
ସ୍ୱାମୀ: ମୁଁ ତୁମକୁ ପଚାରୁଛି ?
ସ୍ତ୍ରୀ: ତୁମେ ମୋର କପି କରୁଛ ?
ସ୍ୱାମୀ: ତୁମେ ମୋର କପି କରୁଛ ?
ସ୍ତ୍ରୀ: ଚାଲ ଯିବା ସପିଙ୍ଗ୍ କରିବାକୁ ।
ସ୍ୱାମୀ: ହଁ ମୁଁ ଲଞ୍ଚ କରିସାରିଛି ।

× × × × ×

ଚିଣ୍ଟୁ: ଓଏ ତୁ କ'ଣ କରୁଛୁ ?
ପପୁ: ମୁଁ ପୁଅର ଭଏସ୍ ରେକର୍ଡିଙ୍ଗ୍ କରୁଛି ।
ଚିଣ୍ଟୁ: କାହିଁକି ?
ପପୁ: ଯେତେବେଳେ ସେ ବଡ଼ ହେବ ତା'କୁ ପଚାରିବି ତା'ର ମାନେ କ'ଣ ?

## ବଥୁଆ ଶାଗର ଉପକାରିତା

ବଥୁଆ ଶାଗର ଅନେକ ଉପକାରିତା ରହିଛି । ପ୍ରତିଦିନ ଏହି ଶାଗ ଖାଇବା ଦ୍ୱାରା ପଥୁରୀ ରୋଗରୁ ରକ୍ଷା ମିଳିଥାଏ ।

ବଥୁଆ ଆମାଶୟକୁ ଶକ୍ତି ପ୍ରଦାନ କରିଥାଏ । କିଛି ସପ୍ତାହ ଧରି ନିୟମିତ ବଥୁଆ ଶାଗ ଖାଇଲେ କୋଷ୍ଠକାଠିନ୍ୟ ଦୂର ହୋଇଥାଏ । ପେଟ ସଫା ରହେ । ଶରୀରରେ ସର୍ବଦା ଶକ୍ତି ଏବଂ ସ୍ଫୂର୍ତ୍ତି ଭରି ରହେ । ବଥୁଆ ଶାଗ ସବୁ ଋତୁରେ ମିଳେ ନାହିଁ । ତେବେ ଯେଉଁ ସମୟରେ ଏହା ମିଳିଥାଏ ନିୟମିତ ଏହାର ରସ କିମ୍ବା ସିଝା ଯାଇଥିବା ପାଣି ପିଅନ୍ତୁ । ଏହା ପେଟର ବିଭିନ୍ନ ରୋଗକୁ ଆରୋଗ୍ୟ କରିଥାଏ । ଅଜୀର୍ଣ୍ଣ, କୃମି, ବାୟୁରୋଗ ଆଦିକୁ ଦୂର କରେ ।

ପଥୁରୀରେ ପୀଡିତ ବ୍ୟକ୍ତି ନିୟମିତ ଏକ ଗ୍ଲାସ ବଥୁଆ ରସରେ ଚିନି ମିଶାଇ ପିଇବା ଦ୍ୱାରା ପଥର ଖଣ୍ଡ ଖଣ୍ଡ ହେଇ ବାହାରି ଯାଏ । ମୁଣ୍ଡରେ ନିଖ ହେଉଥିଲେ ବଥୁଆକୁ ସିଝାଇ ତା'ର ପାଣିରେ ମୁଣ୍ଡ ଧୋଇବା ଦ୍ୱାରା ନିଖ ମରିଯାଏ । କେଶ ମଧ ସଫା ହେଇଯାଏ ।

ମହିଳାଙ୍କ ମାସିକଧର୍ମରେ ଅନିୟମିତତା ଦେଖାଦେଲେ ଦୁଇ ଚାମଚ ବଥୁଆ ମଞ୍ଜି ନେଇ ସେଥିରେ ଗୋଟିଏ ଗ୍ଲାସ ପାଣି ଦେଇ ତାକୁ ଭଲ ଭାବେ ଫୁଟାନ୍ତୁ । ପାଣି ମରି ମରି ଅଧଗ୍ଲାସ ରହିଲେ ତାକୁ ଛାଣି ପିଇବାକୁ ଦିଅନ୍ତୁ । ଏହି ସମସ୍ୟା ଦୂର ହୋଇଯିବ । ଆଖି ଲାଲ୍ ପଡୁଥିଲେ ବା ଦରଜ ରହୁଥିଲେ ପ୍ରତିଦିନ ବଥୁଆ ଶାଗ ଖାଆନ୍ତୁ ।

ଅଧକିଲୋ ବଥୁଆରେ ତିନି ଗ୍ଲାସ



ପାଣି ମିଶାଇ ସିଝାନ୍ତୁ । ଏହାପରେ ପାଣି ଛାଣି ଦିଅନ୍ତୁ । ଏହି ପାଣିରେ ବଥୁଆକୁ ଭଲ ଭାବେ ଚିପୁଡି ତା'ର ପାଣିକୁ ମିଶାଇ ଦିଅନ୍ତୁ । ଏହାକୁ ସ୍ୱାଦୁକର କରିବା ପାଇଁ ଲେମ୍ବୁ, ଜିରା, ସାମାନ୍ୟ ଗୋଲ ମରିଚ ଏବଂ ସୈନ୍ଧବ ଲବଣ ମିଶାଇ ପାରନ୍ତି । ଏହାକୁ ଦିନରେ ତିନି ଥର ପିଇବା ଦ୍ୱାରା ପରିସ୍ରାରେ ଜ୍ୱଳନ ଏବଂ ଅନ୍ୟାନ୍ୟ ପରିସ୍ରାଜନିତ ସମସ୍ୟା ଦୂର ହୁଏ । ବାୟୁ ବିକାର ଆରୋଗ୍ୟ ହୁଏ । ଖାଦ୍ୟ ହଜମ ହୁଏ । ପେଟ ହାଲକା ରହେ ।

ସିଝା ଶାଗକୁ ଦହି ମିଶାଇ ଖାଆନ୍ତୁ । ପରିସ୍ରା ରହି ରହି ହେଉଥିଲେ ବଥୁଆ ରସ ପିଇଲେ ଭଲ ହୋଇଯାଏ । ଦୈନିକ ଗୋଟିଏ କପ ବଥୁଆ ରସ ପିଇଲେ ପେଟରୁ କୃମି ମରି ଯାଆନ୍ତି । ଗୋଟିଏ ଚାମଚ ବଥୁଆମଞ୍ଜିର ଗୁଣ୍ଡରେ ମହୁ ମିଶାଇ ଚାଟି ଖାଇବା ଦ୍ୱାରା ମଧ କୃମି ମରି ଯାଆନ୍ତି ଏବଂ ରକ୍ତଚାପ ନିୟନ୍ତ୍ରିତ ହୋଇଥାଏ ।

## ଅବସାଦ ଦୂର କରେ ଚକୋଲେଟ୍

ଚକୋଲେଟ୍‌ରେ ବହୁତ ଗୁଣ ଭରି ରହିଥାଏ । ଏଥିରେ ଥିବା କୋଲେଷ୍ଟୋରୋଲ ଅବସାଦକୁ ଦୂର କରିବା ସହିତ ମନକୁ ଆନନ୍ଦ



ଦେଇଥାଏ ବୋଲି ଆମେରିକା ବିଶ୍ୱବିଦ୍ୟାଳୟର ଗବେଷକ ନିକଟରେ ପ୍ରକାଶ କରିଛନ୍ତି । ଚକୋଲେଟ୍‌ରେ କେଫିନ ଓ ଥିୟୋବ୍ରୋମିନ୍ ନାମକ ଦୁଇଟି ରାସାୟନିକ ଦ୍ରବ୍ୟ ରହିଥାଏ । ଯାହା ଶରୀରକୁ ପର୍ଯ୍ୟାପ୍ତ ପରିମାଣରେ ଶକ୍ତି ଯୋଗାଇବା ସହିତ ମନରେ ଥିବା ଦୁଶ୍ଚିନ୍ତା ଦୂର କରେ । କେଫିନ୍ ଶରୀରକୁ ଶକ୍ତି ଯୋଗାଇ ଫୁର୍ତ୍ତି ପ୍ରଦାନ କରୁଥିବା ହରମୋନକୁ କ୍ଷରଣ କରାଇବାରେ ସାହାଯ୍ୟ କରିଥାଏ । ଫଳରେ ମନରେ କାର୍ଯ୍ୟ କରିବାର ଇଚ୍ଛା ଜାଗ୍ରତ ହୋଇ ମନରେ ଥିବା ସମସ୍ତ ପ୍ରକାର ଚିନ୍ତା ଦୂର ହୁଏ । ତାହାଛଡ଼ା ମିଠା ଚକୋଲେଟ୍‌କୁ ଖାଇବା ପରେ ବ୍ୟକ୍ତିଙ୍କ ମୁଡ୍ ସାଧାରଣ ଭାବେ ପରିବର୍ତ୍ତନ ହୋଇଥାଏ । ବିଶେଷ କରି ମହିଳାଙ୍କ କ୍ଷେତ୍ରରେ ଚକୋଲେଟ ଲାଭଦାୟକ । ଗବେଷକଙ୍କ ମତରେ, ଅଫିସ୍ କାମ ଓ ଘର କାମରେ ବ୍ୟସ୍ତ ରହୁଥିବା ମହିଳା ଖୁବ୍ ଶୀଘ୍ର ଅବସାଦଗ୍ରସ୍ତ ହୋଇ ଯାଆନ୍ତି । ଚକୋଲେଟ୍ ସେମାନଙ୍କୁ ଶକ୍ତି ଯୋଗାଇବା ସହିତ ଚିନ୍ତାରେ ସୁଧାର ଆଣିଥାଏ । ତେବେ ପ୍ରତ୍ୟେକ ଦିନ ମହିଳାମାନେ ଅଳ୍ପ ଚକୋଲେଟ ଖାଇବା ଉଚିତ ବୋଲି ଗବେଷକ ରିପୋର୍ଟରେ ପ୍ରକାଶ କରିଥିଲେ ।

## ଅର୍ଶ ରୋଗ ପାଇଁ ମୂଳା

ଯେଉଁମାନଙ୍କ ଅର୍ଶ ହେଉ ପଛେ ମୂଳା ରସ ୬୦ ମି.ଲିକୁ ଛାଣି ସକାଳେ ସନ୍ଧ୍ୟାରେ ୨ ଥର ଜୁସ୍ ତିଆରି କରି ସଙ୍ଗେ ସଙ୍ଗେ



ପିଇବା ଏବଂ ମୂଳାକୁ ଶୁଖାଇ କପଡ଼ାରେ ପୁଟୁଳି କରି ବାନ୍ଧି ଗରମ କରି ମଳଦ୍ୱାରରେ ସେକ ଦିଅନ୍ତୁ । ଏହାଦ୍ୱାରା ପୀଡ଼ା ଶାନ୍ତ ହେବ । ରୋଗ ପୁରୁଣା ହୋଇଥିଲେ ଧୈର୍ଯ୍ୟର ସହ ଏ ପ୍ରୟୋଗ କିଛି ଦିନ କଲେ ଚିରଦିନ ପାଇଁ ଅର୍ଶ ଭଲ ହୋଇଯାଏ ।

## ଆପଣ ଜାଣନ୍ତି କି ?

- ୨୮ ମେ' ୧୮୮୩ ମସିହାରେ ଭାରତୀୟ ନେତା ବିନାୟକ ଦାମୋଦର ସାବରକର ଜନ୍ମ ହୋଇଥିଲେ ।
- ୩୧ ମେ' ୧୫୭୭ ଦିନ ନୁରଜାହାନ ମୃତ୍ୟୁ ବରଣ କରିଥିଲେ । ନୁରଜାହାନ ହେଉଛନ୍ତି ମୋଗଲ ସମ୍ରାଟ ଜାହାଙ୍ଗୀରଙ୍କର ପତ୍ନୀ ।
- ୧ ଜୁନ୍, ୧୯୯୬ରେ ନିଲମ୍ ସଞ୍ଜୀବ ରେଡ୍ଡୀଙ୍କର ଦେହାନ୍ତ ହୋଇଥିଲା । ସେ ଭାରତର ଷଷ୍ଠତମ ରାଷ୍ଟ୍ରପତି ଥିଲେ ।
- ୩ ଜୁନ୍, ୨୦୧୪ରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଗୋପୀନାଥ ମୁଣ୍ଡେ ନୂଆଦିଲ୍ଲୀ ଠାରେ ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ ।
- ୪ ଜୁନ୍ ୧୯୯୬ରେ ମାଳଦ୍ୱୀପ ପ୍ରଥମ ଥର ପାଇଁ ସମ୍ବିଧାନ ଦ୍ୱାରା ଗ୍ରହଣୀୟ ହୋଇଥିଲା ।
- ୫ଜୁନ୍ ୧୯୯୮ ମସିହାରେ ମିସାଇଲ 'ତ୍ରିଶୂଲ'ର ପରୀକ୍ଷଣ ସଫଳ ହୋଇଥିଲା ।
- ୬ ଜୁନ୍ ୧୬୭୪ରେ ଏକ ଭବ୍ୟ ସମାରୋହରେ ମରାଠା ସାମ୍ରାଜ୍ୟର ପ୍ରତିଷ୍ଠାତା ଛତ୍ରପତି ଶିବାଜୀ ରାଜ ଭୌଁସଲେଙ୍କର ରାଜାଭିଷେକ ହୋଇଥିଲା ।
- ୭ ଜୁନ୍ ୧୯୭୫ରେ ପ୍ରଥମ ବିଶ୍ୱକପ୍‌ର ପ୍ରଥମ ମ୍ୟାଚ୍ ଭାରତ ଓ ଇଂଲଣ୍ଡ ମଧରେ ଲର୍ଡସ୍ ଷ୍ଟାଡିୟମରେ ଖେଳାଯାଇଥିଲା । ଏହି ମ୍ୟାଚରେ ଭାରତ ହାରିଥିଲା । ସେହିପରି ୯ ଜୁନ୍ ୧୯୩୧ରେ ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ତଥା ଲେଖିକା ନନ୍ଦିନୀ ଶତପଥୀଙ୍କର ଜନ୍ମ । ସେ ଓଡ଼ିଶାର ଲୌହମାନବୀ ରୂପେ ପରିଚିତ ।
- ୯ଜୁନ୍ ୨୦୧୧ରେ ଭାରତୀୟ ଚିତ୍ରକର ଏମ୍.ଏଫ୍ ହୁସେନଙ୍କର ଦେହାନ୍ତ ହୋଇଥିଲା ।

## ମଧୁମେହ ପ୍ରତିରୋଧୀ ଘରୋଇ ପଥ

ମଧୁମେହ ଖାଦ୍ୟ ଏବଂ ଜୀବନ ଶୈଳୀ ସହ ସଂପର୍କିତ । ଆଜିକାଲି ଜିନ୍ ଦୋଷରୁ ଏପରିକି ଶିଶୁ ମଧ ମଧୁମେହ ଭୋଗୁଛନ୍ତି । ଭାରତରେ ଟାଇପ୍ ୨ ମଧୁମେହ ଭୋଗୁଥିବା ରୋଗୀଙ୍କ ସଂଖ୍ୟା ବିଶ୍ୱରେ ସବୁଠାରୁ ଅଧିକ । ଖାଦ୍ୟାଭ୍ୟାସରେ



ପରିବର୍ତ୍ତନ ଦ୍ୱାରା ମଧୁମେହକୁ କିଛି ପରିମାଣରେ ରୋକାଯାଇପାରେ । ପ୍ରତି ଦିନ ସକାଳେ ଖାଲି ପେଟରେ ତାଜା କଲରା ରସ ପିଇଲେ ମଧୁମେହ ନିୟନ୍ତ୍ରଣରେ ରହେ । ଜଳଖିଆରେ କଲରା ଚିପ୍ସ ବା କଲରା ପ୍ରସ୍ତୁତ ଯେ କୌଣସି ଖାଦ୍ୟ ଖାଇ ପାରନ୍ତି । ରାତିରେ ୧.୪ ଚାମଚ ମେଥି ପାଣିରେ ବତୁରାନ୍ତୁ । ସକାଳୁ ଖାଲି ପେଟରେ ପାଣି ସହ ମେଥି ଚୋବାଇ ଚୋବାଇ ଖାଆନ୍ତୁ । ପ୍ରତି ଦିନ ପିଜୁଳି ଚୋପା ବାଣ୍ଟି ଖାଆନ୍ତୁ । ଚୋପା ନ ବାଣ୍ଟି ଖାଇଲେ ରକ୍ତ ଶର୍କରା ବଢ଼େ । ନିୟମିତ ତ୍ରିଫଳା ଚୂର୍ଣ୍ଣ ଖାଆନ୍ତୁ । ମଧୁମେହ ରୋଗୀଙ୍କ ଲାଗି ଜାମୁକୋଳି ଭଲ । ବର୍ଷର ସବୁ ସମୟରେ ଜାମୁକୋଳି ମିଳେନାହିଁ । ତେଣୁ, ମିଳୁଥିବା ବେଳେ ଅଧିକ ପରିମାଣରେ ସଂଗ୍ରହ କରି, ମଞ୍ଜିକୁ ଶୁଖାଇ, ଗୁଣ୍ଡକରି ରଖନ୍ତୁ, ପାଣିରେ ଗୋଳାଇ ଦିନରେ ଦୁଇ ଥର ପିଅନ୍ତୁ । ଚାହା ବା କଫିରେ ଚିନି ବଦଳରେ ମହୁ ପକାନ୍ତୁ । ବିନା ଚିନିରେ କଳା କଫି ପିଅନ୍ତୁ ।

## ଔଷଧରେ ଭରପୁର ଲବଙ୍ଗ

ଖାଦ୍ୟର ସ୍ୱାଦ ବଢ଼ାଇବାକୁ ହେଉ ବା ଯନ୍ତ୍ରଣାରୁ ମୁକ୍ତି ପାଇବା ଲାଗି ଛୋଟ ଲବଙ୍ଗ କଢ଼ିର ଲାଭ ଅନେକ । ସାଧାରଣ ଥଣ୍ଡା-ଜ୍ୱରରୁ ଆରମ୍ଭ କରି କ୍ୟାନ୍‌ସର ପର୍ଯ୍ୟନ୍ତ ଏକାଧିକ



ଗୁରୁତର ରୋଗର ଚିକିତ୍ସାରେ ଲବଙ୍ଗ ବ୍ୟବହାର କରାଯାଇଥାଏ । ଆୟୁର୍ବେଦ, ହୋମିଓପାଥି ତଥା ଏଲୋପାଥି ପରି ଚିକିତ୍ସାରେ ବି ଲବଙ୍ଗର ମହତ୍ତ୍ୱ ଅଧିକ ।

ମସଲା ଆକାରରେ ଲବଙ୍ଗର ବ୍ୟବହାର ଶରୀର ପାଇଁ ଖୁବ୍ ଲାଭଦାୟକ । ଏଥିରେ ପ୍ରୋଟିନ, ଆଇରନ୍, କାର୍ବୋହାଇଡ୍ରେଟ୍‌ସ, କ୍ୟାଲସିୟମ୍, ଫସଫରସ୍, ପଟାସିୟମ୍, ସୋଡିୟମ ଏବଂ ହାଇଡ୍ରୋକ୍ଲୋରିକ୍ ଏସିଡ୍ ପ୍ରଚୁର ମାତ୍ରାରେ ମିଳେ । ଭିଟାମିନ୍- ଏ,ସି, ମାଙ୍ଗାନିଜ୍ ଏବଂ ଫାଇବର ବି ପ୍ରଚୁର ମାତ୍ରାରେ ରହିଛି ।

ଲବଙ୍ଗ ଏକ ଉତ୍ତମ ଗୁଣର ଯନ୍ତ୍ରଣା ନିବାରକ । ଏଥିରେ ଥିବା ୟୁଜେନଲ ଦାନ୍ତ ଯନ୍ତ୍ରଣାରୁ ମୁକ୍ତି ପାଇଁ ଖୁବ୍ ଭଲ । ଦାନ୍ତରେ ଯେତେ ଯନ୍ତ୍ରଣା ପାଉଥିଲେ ବି ସେଥିରେ ଲବଙ୍ଗ ତେଲ ଲଗାଇଲେ ଏହା ଦୂର ହୋଇଯାଏ । ଏଥିରେ ଆଣ୍ଟିବ୍ୟାକ୍ଟେରିଆଲ ବିଶେଷତ୍ୱ ଥିବାରୁ ଏବେ ଏକାଧିକ ଟୁଥପେଷ୍ଟ, ମାଉଥୱାଶ ଏବଂ କ୍ରିମ୍ ପ୍ରସ୍ତୁତ କରିବାରେ ଏହାକୁ ବ୍ୟବହାର କରାଯାଉଛି ।

ଗଣ୍ଠିବାତ ରୋଗରେ ଗଣ୍ଠିଜାଗାରେ ହେଉଥିବା ଯନ୍ତ୍ରଣା ଓ ଫୁଲା କମାଇବା ପାଇଁ ଲବଙ୍ଗ ତେଲ ମାଲିସ୍ କରିବା ଲାଗି ଅନେକ ବିଶେଷଜ୍ଞ ପରାମର୍ଶ ଦେଇଥାନ୍ତି । ଏଥିରେ ଫ୍ଲାବୋନ୍ଏଡସ୍ ଅଧିକ ମାତ୍ରାରେ ମିଳିଥାଏ ।

## କହିପାରିବେ କି ?

(୧) ମୁସଲିମ୍ ଲିଗର ସଂସ୍ଥାପକ କିଏ ?
(୨) ବିଶ୍ୱର ସବୁଠାରୁ ବଡ଼ ପୁଷ୍କର ନାଁ କ'ଣ ?
(୩) ଶେଷ ମୁଗଲ ସମ୍ରାଟ କିଏ ଥିଲେ ?
(୪) କେଉଁ ଭାରତୀୟ ଖେଳାଳୀ ଅଧିନାୟକ ଭାବେ ୪ଟି ଅଲମ୍ପିକ୍ସ ଭାରତ ଲାଗି ପ୍ରତିନିଧିତ୍ୱ କରିଛନ୍ତି ?
(୫) ୧୯୮୩ କ୍ରିକେଟ ବିଶ୍ୱକପ୍‌ରେ ପୁରା ଟୁର୍ଣ୍ଣାମେଣ୍ଟରେ କେଉଁ ଖେଳାଳୀ ଥରେ ମଧ ଖେଳି ନାହାନ୍ତି ?
(୬) କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ କେଉଁ ଲୋକପ୍ରିୟ ଧାରାବାହିକରେ ତୁଳସୀ ଭିରାନୀ ଚରିତ୍ରରେ ଅଭିନୟ କରିଥିଲେ ?
(୭) ଭାରତର କେଉଁ ରାଜ୍ୟ ସହିତ ୱାଙ୍ଗଲା ଡ୍ୟାନ୍ସ ଫ୍ୟାଷ୍ଟିଭାଲ୍ ଜଡିତ ?
(୮) ଆଇପିଏଲର ଫାଷ୍ଟ ମ୍ୟାଚରେ କେଉଁ ଖେଳାଳୀ ୧୫୮ ରନ କରି ଟୁର୍ଣ୍ଣାମେଣ୍ଟ ଆରମ୍ଭ କରିଥିଲେ ?
(୯) ଓଡ଼ିଶାର କେଉଁ ସମୁଦ୍ର କୂଳ ଅଲିଭ୍ ରିଡଲେ କଇଁଛଙ୍କ ଆଶ୍ରୟସ୍ଥଳୀ ?
(୧୦) କେଉଁ ସୁପରଷ୍ଟାର ଆଇରନ୍ ମ୍ୟାନ୍ ଚରିତ୍ରରେ ଅଭିନୟ କରିଥିଲେ ?

### JUMBLE WORDS

| | | | |
|---|---|---|---|
| 1) RUYCL | = | 6) SETRC | = |
| 2) RUFYR | = | 7) IKEORO | = |
| 3) ROSWOR | = | 8) GTLIPH | = |
| 4) GSATEK | = | 9) SUEGS | = |
| 5) HURTT | = | 10) METOP | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.ଇଭାଞ୍ଜେଲିଷ୍ଟ ଟୋରି ସେଲି (୧୬୪୩), ୨.କିକ ପାଟ୍ରିକ୍ ମ୍ୟାକ୍‌ମିଲାନ (୧୮୩୯), ୩. ଲୁଇସ୍ ବ୍ରେଲି (୧୮୨୯), ୪.ଗୋଟଲିଏବ୍ ଡାଇମଲେର (୧୮୭୬), ୫.ଉଇଲିୟମ୍ ହାର୍ଭେ (୧୬୨୮), ୬.ଜେମସ୍ ସିମ୍ପସନ୍ (୧୮୪୭), ୭. ଜନ୍ ସ୍ନୋ (୧୮୫୪), ୮.ଏଡ୍‌ୱାର୍ଡ ଜେନ୍ନର, ୯.ଆଲେକଜାଣ୍ଡର, ୧୦.ରବୀନ୍ଦ୍ରନାଥ ଟାଗୋର ।

***Jumble Words*** **ର ଉତ୍ତର :-**

(1) DRAGON (2) SUPERB (3) RODEO (4) POKER (5) ASPECT (6) STRING (7) STYLE (8) PATIO (9) FLAUNT (10) HIGHER

# ଜି-୨୦ ବିପର୍ଯ୍ୟୟ ବିପତ୍ତି ହ୍ରାସ କାର୍ଯ୍ୟାଗୋଷ୍ଠୀର...

(ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ଏହାର ପ୍ରଭାବ ବର୍ତ୍ତମାନ ସୁଦ୍ଧା ଆମେ ଅନୁଭବ କରିସାରିଲୁଣି । ବିଶ୍ୱ ସମ୍ମୁଖରେ ଦେଖା ଦେଉଥିବା ଆହ୍ୱାନ ଏବଂ ସମ୍ପୂର୍ଣ୍ଣ ପୃଥିବୀକୁ ପ୍ରଭାବିତ କରୁଥିବା ଜଳବାୟୁ ପରିବର୍ତ୍ତନକୁ ଧ୍ୟାନରେ ରଖି ପ୍ରମୁଖ ସଚିବ ଜି୨୦ ବିପର୍ଯ୍ୟୟ ବିପତ୍ତି ହ୍ରାସ କାର୍ଯ୍ୟଗୋଷ୍ଠୀର ମହତ୍ୱ ଉପରେ ଆଲୋକପାତ କରିଥିଲେ । ତେବେ ଗୋଷ୍ଠୀ ବିଶେଷ ଅଗ୍ରଗତି ହାସଲ କରିଛି ଏବଂ ଭଲ ଧାରାରେ ରହିଛି ବୋଲି ପ୍ରମୁଖ ସଚିବ କହିଥିଲେ । ବିଶ୍ୱ ସମ୍ମୁଖରେ ଆସୁଥିବା ସମସ୍ୟା ଦୂର କରିବା ଲାଗି ମହତ୍ୱାକାଂକ୍ଷୀ ହେବା ଉପରେ ସେ ଜୋର ଦେଇଥିଲେ କହିଥିଲେ ଯେ, ବୃଦ୍ଧିଶୀଳ ପରିବର୍ତ୍ତନର ସମୟ ବିତିସାରିଛି । ଆମକୁ ସ୍ଥାନୀୟ, ଜାତୀୟ ଏବଂ ବିଶ୍ୱ ପ୍ରଣାଳୀରେ ପରିବର୍ତ୍ତନ ଆଣିବାର ଆବଶ୍ୟକତା ରହିଛି । ଯାହାଫଳରେ ଏକ ନୂଆ ବିପର୍ଯ୍ୟୟ ବିପତ୍ତିକୁ ରୋକିବା ସହିତ ପୂର୍ବର ବିପରି ମୁକାବିଲା କରିବା ନିମନ୍ତେ ଏକ ବ୍ୟବସ୍ଥା ସୃଷ୍ଟି ହୋଇପାରିବ ।

ଜାତୀୟ ଓ ବିଶ୍ୱସ୍ତରୀୟ ପ୍ରୟାସରେ ସମନ୍ୱୟ ଆଣିବା ଲାଗି ସାମୂହିକ ପ୍ରୟାସକୁ ଆହୁରି ବ୍ୟାପକ କରିବା ଉପରେ ଶ୍ରୀ ମିଶ୍ର ଜୋର ଦେଇଥିଲେ । ସଂକୀର୍ଣ୍ଣ ସଂସ୍ଥାଗତ ଦୃଷ୍ଟିକୋଣ ଦ୍ୱାରା ପରିଚାଳିକ ଖଣ୍ଡିତ ପ୍ରୟାସ ପରିବର୍ତ୍ତେ ସମସ୍ୟା ସମାଧାନ ପାଇଁ ଏକ ବ୍ୟାପକ ଦୃଷ୍ଟିକୋଣ ଆପଣାଇବା ଲାଗି ସେ ପରାମର୍ଶ ଦେଇଥିଲେ । "ସମସ୍ତଙ୍କ ପାଇଁ ଆଗୁଆ ଚେତାବନୀ'' କାର୍ଯ୍ୟକ୍ରମ ପାଇଁ ମିଳିତ ଜାତିସଂଘ ମହାସଚିବଙ୍କ ପ୍ରୟାସକୁ ସେ ପ୍ରଶଂସା କରିଥିଲେ । ସେ କହିଥିଲେ ଯେ "ଆଗୁଆ ଚେତାବନୀ ଓ ଆଗୁଆ ପଦକ୍ଷେପ'କୁ ଜି୨୦ ପାଞ୍ଚଟି ପ୍ରାଥମିକତା ମଧ୍ୟରୁ ଗୋଟିଏ ଭାବେ ଗ୍ରହଣ କରିଛି ଏବଂ ଏଥିପାଇଁ ବିଶେଷ ଜୋର ଦେଉଛି ।

ବିପର୍ଯ୍ୟୟ ବିପତ୍ତି ହ୍ରାସ ପାଇଁ ପାଣ୍ଠି ଯୋଗାଣ ନିମନ୍ତେ ସବୁ ଦିଗରୁ ଢାଞ୍ଚାଗତ ବ୍ୟବସ୍ଥା ପ୍ରତିଷ୍ଠା କରିବା ଉପରେ ଜୋର ଦେଇ ସେ କହିଥିଲେ ଯେ, ଗତ କିଛି ବର୍ଷ ମଧ୍ୟରେ ଭାରତରେ ଆମେ ବିପର୍ଯ୍ୟୟ ବିପତ୍ତି ହ୍ରାସ ପାଇଁ ଅର୍ଥବିନିଯୋଗ ପଦ୍ଧତିକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଛୁ । କେବଳ ବିପର୍ଯ୍ୟୟ ମୁକାବିଲା ନୁହେଁ ବରଂ ବିପର୍ଯ୍ୟୟ ପ୍ରଶମନ, ପ୍ରସ୍ତୁତି ଓ ପୁନରୁଦ୍ଧାର ପାଇଁ ଆମେ ଏକ ଆକଳନଯୋଗ୍ୟ ବ୍ୟବସ୍ଥା ପ୍ରତିଷ୍ଠା କରିଛୁ । ବିଶ୍ୱସ୍ତରରେ ଆମେ ଏପରି ବ୍ୟବସ୍ଥା କରିପାରିବା ନାହିଁ କି ? ବୋଲି ସେ ପ୍ରଶ୍ନ କରିଥିଲେ । ବିପର୍ଯ୍ୟୟ ବିପତ୍ତି ହ୍ରାସ ପାଇଁ ପାଣ୍ଠିଯୋଗାଣର ସବୁ କ୍ଷେତ୍ରରେ ସମନ୍ୱୟ ଆଣିବା ଉପରେ ସେ ଜୋର ଦେଇଥିଲେ । ସେ କହିଥିଲେ ଯେ, ଜଳବାୟୁ ପାଣ୍ଠି ଯୋଗାଣକୁ ବିପର୍ଯ୍ୟୟ ବିପତ୍ତି ହ୍ରାସ ପାଇଁ ପାଣ୍ଠି ଯୋଗାଣର ଏକ ପ୍ରମୁଖ ଅଙ୍ଗ ଭାବେ ସାମିଲ କରାଯିବା ଉଚିତ୍ । ଏ କ୍ଷେତ୍ରରେ ଘରୋଇ ପାଣ୍ଠି ଯୋଗାଣ ପାଇଁ ବ୍ୟବସ୍ଥା କରାଯିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ ।

ଜି୨୦ ରାଷ୍ଟ୍ର, ମିଳିତ ଜାତିସଂଘ ଓ ଅନ୍ୟମାନଙ୍କ ସହଭାଗିତାରେ କିଛି ବର୍ଷ ପୂର୍ବରୁ ଗଠନ କରାଯାଇଥିବା ବିପର୍ଯ୍ୟୟ ସହନଶୀଳ ଭିତ୍ତିଭୂମି ମେଣ୍ଟର ଲାଭ ଉପରେ ପ୍ରମୁଖ ସଚିବ ଆଲୋକପାତ କରିଥିଲେ । ମେଣ୍ଟର କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରି ପ୍ରମୁଖ ସଚିବ କହିଥିଲେ ଯେ, ଏହା ଛୋଟ ଦ୍ୱୀପ ସମେତ ଅନ୍ୟ ଦେଶମାନଙ୍କୁ ଉନ୍ନତ ବିପରି ଆକଳନ କରିବା ଏବଂ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଅଧିକ ବିପରି ସଚେତନ ନିବେଶ କରିବା ଲାଗି ସଚେତନ କରିଥାଏ ।

'ମୁକାବିଲା ପାଇଁ ପ୍ରସ୍ତୁତି' ଭଳି ଆମକୁ ଆର୍ଥିକ ବ୍ୟବସ୍ଥା, ସଂସ୍ଥାଗତ ବ୍ୟବସ୍ଥା ଓ କ୍ଷମତା ନିର୍ମାଣ ଜରିଆରେ 'ପୁନରୁଦ୍ଧାର ପାଇଁ ପ୍ରସ୍ତୁତି' ଉପରେ ଜୋର୍ ଦେବାର ଆବଶ୍ୟକତା ରହିଛି ବୋଲି ଡକ୍ଟର ମିଶ୍ର କହିଥିଲେ । କାର୍ଯ୍ୟଗୋଷ୍ଠୀର ପାଞ୍ଚଟି ପ୍ରାଥମିକତା କ୍ଷେତ୍ରରେ ଗ୍ରହଣ କରାଯାଇଥିବା ପଦକ୍ଷେପର ଅଗ୍ରଗତିକୁ ନେଇ ପ୍ରମୁଖ ସଚିବ ସନ୍ତୋଷ ପ୍ରକାଶ କରିଥିଲେ । ଜି-୨୦ ଦେଶମାନଙ୍କ ପାଇଁ ବିପର୍ଯ୍ୟୟ ବିପତ୍ତି ହ୍ରାସ ଉପରେ ଅତି ସ୍ପଷ୍ଟ ଓ ରଣନୈତିକ ଏଜେଣ୍ଡା ଆଗକୁ ବଢୁଥିବା ସମ୍ପର୍କରେ ପ୍ରମୁଖ ସଚିବ ସୂଚନା ଦେଇଥିଲେ । ସମନ୍ୱୟ, ସହମତି ଏବଂ ସହଭାଗୀ ନିର୍ମାଣ ଭାବନା ନେଇ ଏହି କାର୍ଯ୍ୟଗୋଷ୍ଠୀ ଆଗକୁ ମଧ୍ୟ ବିଚାରବିମର୍ଶ ଜାରି ରଖିବ ବୋଲି ଶ୍ରୀ ମିଶ୍ର ବିଶ୍ୱାସ ପ୍ରକଟ କରିଥିଲେ । ପୂର୍ବର ଜି୨୦ ଅଧ୍ୟକ୍ଷ ଇଣ୍ଡୋନେସିଆ, ଜାପାନ ଓ ମେକ୍ସିକୋ ଦ୍ୱାରା ନିର୍ଦ୍ଧାରଣ କରାଯାଇଥିବା କାର୍ଯ୍ୟଧାରାକୁ ଭାରତ ଆଗେଇ ନେଉଥିବା ସେ କହିଥିଲେ । ପରବର୍ତ୍ତୀ ଅଧ୍ୟକ୍ଷ ବ୍ରାଜିଲ ମଧ୍ୟ ଏହାକୁ ଆଗେଇ ନେବ ବୋଲି ସେ ଆଶା କରିଥିଲେ । ପ୍ରମୁଖ ସଚିବ କହିଥିଲେ ଯେ, ଭାରତର ଜି୨୦ ଅଧ୍ୟକ୍ଷତା ଅଧୀନରେ ଗତ ଆଠ ମାସ ମଧ୍ୟରେ ଦେଶର ୫୬ଟି ସ୍ଥାନରେ ୧୭୭ଟି ବୈଠକ ଆୟୋଜନ କରାଯାଇଛି । ଏଥିରେ ସାରା ଦେଶ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ । ସେ କହିଥିଲେ ଯେ, ପ୍ରତିନିଧିମାନେ ଆଲୋଚନା ଓ ବୈଠକରେ ସକ୍ରିୟତାର ସହିତ ଭାଗ ନେବା ସହ ଭାରତର ସାମାଜିକ, ସାଂସ୍କୃତିକ ଓ ପ୍ରାକୃତିକ ବିବିଧତାକୁ ଉପଭୋଗ କରିପାରୁଛନ୍ତି । ଜି୨୦ ଲକ୍ଷ୍ୟ ପୂରଣ ଦିଗରେ ଯଥେଷ୍ଟ ପ୍ରଗତି ହୋଇଛି ଏବଂ ଆସନ୍ତା ଦେଢ଼ ମାସ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ନେତାମାନଙ୍କର ଶିଖର ସମ୍ମିଳନୀ ଏକ ଐତିହାସିକ ମୁହୂର୍ତ୍ତ ହେବ ବୋଲି ସେ କହିଥିଲେ । ମିଳିତ ଜାତିସଂଘ ମହାସଚିବଙ୍କ ସ୍ୱତନ୍ତ୍ର ପ୍ରତିନିଧି ମାମି ମିଜୁତୋରି, ଭାରତର ଜି୨୦ ଶେରପା ଅମିତାଭ କାନ୍ତ, ଜି୨୦ ସଦସ୍ୟ ଦେଶ, ନିମନ୍ତ୍ରିତ ଅତିଥି ଦେଶ, ଅନ୍ତର୍ଜାତୀୟ ସଂଗଠନର ପ୍ରତିନିଧି, କାର୍ଯ୍ୟ ଗୋଷ୍ଠୀର ଅଧ୍ୟକ୍ଷ କମଳ କିଶୋର, ଜାତୀୟ ବିପର୍ଯ୍ୟୟ ପ୍ରଶମନ ପ୍ରାଧିକରଣ, ଜାତୀୟ ବିପର୍ଯ୍ୟୟ ପ୍ରଶମନ ପ୍ରତିଷ୍ଠାନ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଅଧିକାରୀମାନେ ବୈଠକରେ ଯୋଗ ଦେଇଥିଲେ ।

# ବନ ସୁରକ୍ଷା ସଂଶୋଧନ ବିଲ୍ -୨୦୨୩ ଲୋକସଭାରେ ଅନୁମୋଦିତ

ନୂଆଦିଲ୍ଲୀ : ବନ ସୁରକ୍ଷା ସଂଶୋଧନ ବିଲ୍-୨୦୨୩ ଲୋକସଭାର ଅନୁମୋଦନ ଲାଭ କରିଛି । ଏହି ବିଲ୍‌କୁ କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଶ୍ରୀ ଭୂପେନ୍ଦ୍ର ଯାଦବ ଲୋକସଭାରେ ଆଗତ କରିଥିଲେ । ଏହାକୁ ସଂସଦର ଯୁଗ୍ମ କମିଟି ବିଚାରକୁ ନେବା ପରେ ମନ୍ତ୍ରୀ ବିଲ୍‌କୁ ଅନୁମୋଦନ କରିବାକୁ ଗୃହର ଅନୁମତି ଲୋଡି ଥିଲେ । ବିଲ୍ ଉପରେ ସଦସ୍ୟମାନେ ଆଲୋଚନା କରିବା ପରେ ଏହା ଗୃହୀତ ହୋଇଥିଲା ।

ଜଙ୍ଗଲ ସୁରକ୍ଷା କ୍ଷେତ୍ରରେ ୧୯୮୦ ବନ ସୁରକ୍ଷା ଆଇନ ବିଶେଷ ଗୁରୁତ୍ୱପୂର୍ଣ୍ଣ । ଏଥିରେ ସଂରକ୍ଷିତ ଜଙ୍ଗଲକୁ ଅଣ ସଂରକ୍ଷିତ କରିବା, ଜଙ୍ଗଲ ଜମିକୁ ଅଣ ଜଙ୍ଗଲ କାର୍ଯ୍ୟ ପାଇଁ କାମରେ ଲଗାଇବା, ଜଙ୍ଗଲ ଜମି ଲିଜ୍ ବା ଅନ୍ୟ ଆକାରରେ ଘରୋଇ ସଂସ୍ଥା/ ବ୍ୟକ୍ତି ବିଶେଷଙ୍କୁ ଦେବା ଏବଂ ଜଙ୍ଗଲାଞ୍ଚଳରେ ପ୍ରାକୃତିକ ଭାବେ ଉଠିଥିବା ଗଛଲତାକୁ ସଫା କରି ନୂଆ ବନୀକରଣ କରିବା ଆଦି କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ଠାରୁ ଆଗୁଆ ଅନୁମତି ନେବାରେ ବ୍ୟବସ୍ଥା ଥିଲା । ପ୍ରାରମ୍ଭରେ ଏହି ଆଇନର ପ୍ରୟୋଗ ବିଭିନ୍ନ ପ୍ରକାର ଜଙ୍ଗଲ ଜମି ପାଇଁ ଭିନ୍ନ ଭିନ୍ନ ରହିଥିଲା । ୧୯୯୬ ଡିସେମ୍ବର ୧୨ ରାୟ ପରେ ଏହି ଆଇନ ରାଜସ୍ୱ ଜଙ୍ଗଲ ଜମି ରେକର୍ଡରେ ଜଙ୍ଗଲ ଜମି ଭାବେ ଉଲ୍ଲେଖ ଥିବା ଭୂମି କିମ୍ବା ଅଭିଧାନିକ ଭାବରେ ଜଙ୍ଗଲ ଭଳି ଦେଖାଯାଉଥିବା ଜମି ପାଇଁ ଏହି ଆଇନ ପ୍ରୟୋଗ କରାଗଲା ।

ଏବେ ଅନେକ ଜଙ୍ଗଲ ଜମି ଘରବାଡି, ଗୃହନିର୍ମାଣ, ବସତି, ଅନୁଷ୍ଠାନ, ରାସ୍ତା ନିର୍ମାଣ ଆଦି କାମରେ ଲାଗିଛି । ସେଥିପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଠାରୁ ପ୍ରାକ୍ ଅନୁମତି ନିଆଯାଉଛି । ଏହା ଫଳରେ ଜଙ୍ଗଲ ଜମି ଅଣ ଜଙ୍ଗଲ କାମରେ ବ୍ୟବହୃତ ହୋଇଥିଲେ ମଧ୍ୟ ଆଇନର ପ୍ରୟୋଗ ଓ କାର୍ଯ୍ୟ କରିବାରେ ଭିନ୍ନତା ଆସୁଛି । ବିଶେଷକରି ରେକର୍ଡଭୁକ୍ତ ଜଙ୍ଗଲ ଜମି ଓ ବୃକ୍ଷରୋପଣ ତଥା ଉଦ୍ୟାନ କୃଷି ଆଦି କ୍ଷେତ୍ରରେ ଏହି ଆଇନର ପ୍ରୟୋଗ ଭିନ୍ନ ଭିନ୍ନ ହେଉଛି ।

ତେବେ ଜଳବାୟୁ ପରିବର୍ତ୍ତନ ଓ ପ୍ରଦୂଷଣ ବୃଦ୍ଧି କାରଣରୁ ବେସରକାରୀ ଜାଗାରେ ବୃକ୍ଷରୋପଣ କରି ସବୁଜିମା ବଢାଇବା, ରେଳ ଓ ସଡକପଥ ନିର୍ମାଣ, ସୀମାନ୍ତରେ ସଡକ ନିର୍ମାଣ ଓ ବୃକ୍ଷରୋପଣ ଆଦି ଜଙ୍ଗଗ ଜମି ବ୍ୟବହାରରେ ପୁରୁଣା ଆଇନ କେତେକାଂଶରେ ବାଧା ସୃଷ୍ଟି କରୁଥିଲା । ତେଣୁ ସେଥିରେ ସ୍ପଷ୍ଟତା ଆଣିବା ଏବଂ ଜଙ୍ଗଲର ସୁରକ୍ଷାକୁ ଅଗ୍ରାଧିକାର ଦେବା ପାଇଁ ଏହି ସଂଶୋଧନ ଅଣାଯାଇଛି । ଏହି ସଂଶୋଧ ବିଲରେ ଏହାର କାର୍ଯ୍ୟ ପରିସର ଓ ଅଧିକାର କ୍ଷେତ୍ର ବ୍ୟାପକ ହୋଇଛି । ଏଥରେ ବନ ସଂରକ୍ଷଣ ଓ ସମ୍ବର୍ଦ୍ଧନ ଉଭୟ ଆଇନଗତ ମାନ୍ୟତା ପାଇଛି । ସର୍ବୋପରି ପୂର୍ବ ଆଇନରେ ଥିବା ସବୁ ଦ୍ୱନ୍ଦ ଓ ଅସ୍ପଷ୍ଟତାକୁ ସଂଶୋଧିତ ଆଇନରେ ଦୂର କରାଯାଇଛି । ସଂଶୋଧିତ ଆଇନରେ ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ସରକାର ଜମିର କିସମ ବଦଳାଇ ଜଙ୍ଗଲ ଜମିକୁ ଅଣଜଙ୍ଗଲ କାମରେ ଲଗାଇ ପାରିବେ ଓ ଅଣଜଙ୍ଗଲ ଜମିରେ ବନୀକରଣ କରିପାରିବେ । ଆହୁରି ମଧ୍ୟ ସଂଶୋଧିତ ଆଇନରେ ଜଙ୍ଗଲ ଜମିର ଅଣ ଜଙ୍ଗଲ ବ୍ୟବହାର ସ୍ଥଳ ବିଶେଷରେ କରିହେବ । ଏଥିପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଅନୁମତି ଅପରିହାର୍ଯ୍ୟ । ବିଭିନ୍ନ ବିକାଶମୂଳକ କାର୍ଯ୍ୟ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଜଙ୍ଗଲ ଜମିର ବ୍ୟବହାର କରିପାରିବେ । ଚିଡିଆଖାନା ନିର୍ମାଣ, ବନ୍ୟପ୍ରାଣୀ ପରିଚାଳନା ଆଦି କାମ ପାଇଁ ରାଜ୍ୟ ଏବଂ କେନ୍ଦ୍ର ସରକାର ଜଙ୍ଗଲ ବିଭାଗ ଓ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଅନୁମତି ନେଇ ଜଙ୍ଗଲ ଜମିକୁ ବ୍ୟବହାର କରିବାର ବାଟ ପରିଷ୍କାର ହୋଇଛି । ଜଙ୍ଗଲାଞ୍ଚଳରେ ରହୁଥିବା ଲୋକ ନିଜର ଜୀବନଜୀବିକା ପାଇଁ ସମ୍ପୃକ୍ତ ଜଙ୍ଗଲ ଜମିକୁ ବ୍ୟବହାର କରିପାରିବେ । ତେବେ ସେମାନେ ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କର କୌଣସି କ୍ଷତି କରିପାରିବେ ନାହିଁ । ଏହି ସଂଶୋଧିତ ବିଲ୍‌ରେ ଜଙ୍ଗଲର ସଂରକ୍ଷଣ ଓ ସମ୍ବର୍ଦ୍ଧନ ବା ବୃଦ୍ଧି- ଉଭୟକୁ ଗୁରୁତ୍ୱ ଦିଆଯାଇଛି । ଏହା ଫଳରେ ଜଙ୍ଗଲର ଉତ୍ପାଦକତା ବଢିବ, ଜଙ୍ଗଲାଞ୍ଚଳ ବାହାରେ ଲୋକେ ଗଛ ଲଗାଇ କୃତ୍ରିମ ଜଙ୍ଗଲ ସୃଷ୍ଟି କରିପାରିବେ ଏବଂ ଲୋକଙ୍କୁ ଜୀବିକା ଯୋଗାଣ ସହିତ ଜଙ୍ଗଲ ସୁରକ୍ଷା ବ୍ୟବସ୍ଥା ସୁଦୃଢ ହୋଇପାରିବ ।

# ଜିଲ୍ଲା ସ୍ତରୀୟ ସଡ଼କ ନିରାପତ୍ତା ବୈଠକ

ସମ୍ବଲପୁର : ଜିଲ୍ଲା ସଡ଼କ ସୁରକ୍ଷା ବୈଠକ ଜିଲ୍ଲାପାଳ ଅନନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ଶୂନ୍ୟ ହେବା ସହ ଜନସାଧାରଣଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଗାଡି ଯାଞ୍ଚ କଡାକଡ଼ି ସହ କାଗଜପତ୍ର ନଥାଇ ଗାଡି ଚଲାଉ ଥିଲେ ଗାଡି ଜବତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହା ସହ ବିନା ହେଲମେଟରେ ଗାଡି ଚାଳନା, ଦ୍ରୁତ ଗତି, ବିନା ସିଟ୍ ବେଲ୍ଟରେ ଗାଡି ଚାଳନା, ମଦୁଆ ଡ୍ରାଇଭଙ୍କ ଉପରେ ନଜର ରଖି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବେଆଇନ ପାର୍କିଂକୁ ଦୃଷ୍ଟି ଦେବା ସହ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ଖରାପ ଅବସ୍ଥାରେ ଥିବା ରାସ୍ତାର ମରାମତି, ବିଭିନ୍ନ ସୂଚନା ଫଳକ ଲଗେଇବା, ଅନଧିକୃତ କେରାଡ଼ ଡିଭାଇଡ଼ର୍ ଉପରେ ମଧ ବୈଠକରେ ଆଲୋଚନା ହୋଇଥିଲା ।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଅଜାମ୍ବର ମହାନ୍ତି, ଏସ୍‌ଏମ୍‌ସି ଆୟୁକ୍ତ ବେଦଭୂଷଣ, ସଦର ଉପଜିଲ୍ଲାପାଳ ପ୍ରଭାସ ଦଣ୍ଡସେନା, ଆଇଏଏସ୍ ପ୍ରବେଶନାରୀ ସ୍ନେହା ଅରୁଗୁଲ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ାକ୍ତର ପୂର୍ଣ୍ଣଚନ୍ଦ୍ର ସାହୁ, ଆଞ୍ଚଳିକ ପରିବହନ ଅଧିକାରୀ ରାମଦାସ ଟୁଡୁ ସମେତ ଜାତୀୟ ରାଜପଥ କର୍ତ୍ତୃପକ୍ଷ, ବସ ସଙ୍ଘ, ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।



## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

## Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

## Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ଗାୟତ୍ରୀ ମହାଯଜ୍ଞ ପାଇଁ ହରିଦ୍ୱାରରୁ ଆସି ସମ୍ବଲପୁରରେ ପହଞ୍ଚିଲା ଶକ୍ତି କଳସ









ସମ୍ବଲପୁର: ଆସନ୍ତା ଡିସେମ୍ବର ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ଏଠାରେ ହେବାକୁ ଥିବା ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପାଇଁ ହରିଦ୍ୱାରର ଶାନ୍ତିକୁଞ୍ଜରୁ ଅଭିମନ୍ତ୍ରିତ ହୋଇ ଆସିଥିବା ଶକ୍ତି କଳସ ସ୍ଥାନୀୟ କମଳିବଜାର ସ୍ଥିତ ଗାୟତ୍ରୀ ଶକ୍ତିପୀଠ ଠାରେ ସ୍ଥାପନ କରାଯାଇଛି । ଗତ ୨୦ ତାରିଖ ଦିନ ଯଜ୍ଞ ପରିଚାଳନା କମିଟିର ଅଧ୍ୟକ୍ଷ ଦୀନଦୟାଲ ଅଗ୍ରୱାଲଙ୍କ ନେତୃତ୍ୱରେ ଉପେନ୍ଦ୍ର କୁମାର ପାଢ଼ୀ, ବାନାମ୍ବର ସର, ଦିଲୀପ ସାନବଡ଼, ଦୀପ୍ତିମୟୀ ବାରିକଙ୍କ ସମେତ ୨୩୦ ଜଣ ଗାୟତ୍ରୀ ପରିଜନ ଏହି କଳସ ଆଣିବା ପାଇଁ ହରିଦ୍ୱାରକୁ ଯାଇଥିଲେ । ଏହି କଳସ ସମ୍ବଲପୁର ରେଳ ଷ୍ଟେସନରେ ପହଞ୍ଚିବା ପରେ ସେଠାରୁ ନଳିନୀକାନ୍ତ ନାଥ, ସତ୍ୟନାରାୟଣ ପଟେଲ, ମଦନ ପାତ୍ର, ନଳିନୀ ପୂଜାରୀ ସ୍ୱାଗତ କରି ଗାୟତ୍ରୀ ଶକ୍ତିପୀଠକୁ ଆଣିଥିଲେ । କଳସ ଗାୟତ୍ରୀ ଶକ୍ତି ପୀଠରେ ପହଞ୍ଚିବା ପରେ ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର, କାର୍ତ୍ତିକେଶ୍ୱର ବଡ଼ପଣ୍ଡା, ତୁଷାର ରଞ୍ଜନ ପଟ୍ଟନାୟକ, ମୋହନ ଧର ବଡ଼ଗାୟାଁ, ଅରୁଣ ପୂଜାରୀ, ସୁରେଶ୍ୱର ପ୍ରଧାନ, ଶିବ ନାରାୟଣ ପାଣିଗ୍ରାହୀ, ରବୀନ୍ଦ୍ର କୁମାର ଦର୍ଜୀ, ବିଜୟିନୀ ପଟ୍ଟନାୟକ, ଜୱାକ୍ଷୀ ସାହୁ, ପ୍ରତିମା କାଲୋ, ହରିପ୍ରିୟା ପଟେଲ ପ୍ରମୁଖ ସ୍ୱାଗତ ଜଣାଇଥିଲେ । ପରେ କଳସକୁ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରି ଶ୍ରୀ ଦୀନଦୟାଲ ଅଗ୍ରୱାଲ ଶକ୍ତିପୀଠ ଠାରେ ସ୍ଥାପନ କରିଥିଲେ । ଆଗାମୀ ୯ ଦିନ ଯାଏଁ ଗାୟତ୍ରୀ ଜପ ଅନୁଷ୍ଠାନ କରାଯିବା ପରେ ଏହି ଶକ୍ତି କଳସ ପଶ୍ଚିମ ଓଡ଼ିଶାର ୧୧ଟି ଜିଲ୍ଲାରେ ପରିକ୍ରମା କରି ଗାୟତ୍ରୀ ମହଯଜ୍ଞର ପ୍ରଚାର କରିବ ।

# ଝାରସୁଗୁଡ଼ାରେ ଶକ୍ତି କଳସକୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା









ଝାରସୁଗୁଡ଼ା: ଆସନ୍ତା ଡିସେମ୍ବର ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ସମ୍ବଲପୁରରେ ହେବାକୁ ଥିବା ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପାଇଁ ହରିଦ୍ୱାରର ଶାନ୍ତିକୁଞ୍ଜରୁ ଅଭିମନ୍ତ୍ରିତ ହୋଇ ଆସିଥିବା ଶକ୍ତି କଳସ ଝାରସୁଗୁଡା ରେଳ ଷ୍ଟେସନ ଠାରେ ପହଞ୍ଚିବା ପରେ ଜନସାଧାରଣ ତଥା ଗାୟତ୍ରୀ ପରିଜନଙ୍କ ପକ୍ଷରୁ ସ୍ୱାଗତ କରାଯାଇ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଯଜ୍ଞ ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ସମ୍ବଲପୁରର ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର, ସମାଜସେବୀ ରମେଶ ଗାନ୍ଧୀ, ଅର୍ଜୁନ ମୋର, ସୋନୁ ଥରାନି, ଗୋବିନ୍ଦ ସାକୁନିଆ, ରାଜା ଟିବ୍ରିୱାଲ୍, ସାମ୍ବାଦିକ ସନ୍ତୋଷ କୁମାର ମହାପାତ୍ର, ଶ୍ରୀୟମ ମହାପାତ୍ରଙ୍କ ସମେତ ଝାରସୁଗୁଡା ଗାୟତ୍ରୀ ପରିବାରର ଜିଲ୍ଲା ସଂଯୋଜକ ମହେନ୍ଦ୍ର ହୋତା, ପ୍ରଭାତୀ ସରାଫ୍, ଶଶୀକଳା ପାଣ୍ଡେ, ଦୁର୍ଯ୍ୟୋଧନ ଖମାରୀ, ଗୌରଚନ୍ଦ୍ର ସରାଫ, ରିଙ୍କୁ ରାୟ, ତେଜ ସାହୁ ପ୍ରମୁଖ ସଦସ୍ୟ ଶକ୍ତି କଳସକୁ ସ୍ୱାଗତ କରିଥିଲେ ।





# ସମ୍ବଲପୁରରେ ଆଦିବାସୀ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ



ସମ୍ବଲପୁର: ଓଡ଼ିଶା ଲଳିତ କଳା ଏକାଡ଼େମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଏକାଡ଼େମୀର ସମ୍ବଲପୁରସ୍ଥିତ ଆଞ୍ଚଳିକ ଆର୍ଟ ଗ୍ୟାଲେରୀ ପକ୍ଷରୁ ଗୌରୀଶଙ୍କର ପାର୍କଠାରେ ଆଦିବାସୀ ଚିତ୍ରକଳା ପ୍ରଦର୍ଶନୀ ଆରମ୍ଭ ହୋଇଛି । ଏହାକୁ ଜିଲ୍ଲାପାଳ ଅନନ୍ୟା ଦାସ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଂସ୍କୃତି ଅଧିକାରୀ ସୂର୍ଯ୍ୟକାନ୍ତ ବରାଳ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଫକୀର ମୋହନ ମାଝୀ, ଆର୍ଟ ଗ୍ୟାଲେରୀ ତତ୍ତ୍ୱାବଧାରକ ବିଦ୍ୟାପତି ପ୍ରଧାନଙ୍କ ସମେତ ବହୁ ବରିଷ୍ଠ ଓ ତରୁଣ ଚିତ୍ରଶିଳ୍ପୀ ଉପସ୍ଥିତ ଥିଲେ । ପ୍ରଦର୍ଶନୀରେ ରାଜ୍ୟର ୩୬ ଜଣ ଶିଳ୍ପୀଙ୍କ ୫୦ରୁ ଊର୍ଦ୍ଧ୍ୱ ଚିତ୍ରକଳା ସ୍ଥାନିତ ହୋଇଛି । ଏହି ପ୍ରଦର୍ଶନୀ ଆସନ୍ତା ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଦର୍ଶକମାନଙ୍କ ପାଇଁ ଖୋଲା ରହିବ ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra